ଭିକ୍ଷୁର ଦାନ

କବି ଶ୍ରୀରାଧାନାଥ ରାୟ

Digitized by srujanika@gmail.com

ଯେତେକାଳ ଥିବ ଓଡ଼ିଆ ଜାତି ଇତିହାସରେ,
ଥିବ ତୁମ୍ଭ ନାମ ଅଙ୍କିତ ହେମମୟ ଅକ୍ଷରେ ।

— ନନ୍ଦକିଶୋର

ମିଷ୍ଟର ଦାସ

ଶ୍ରୀ ସୂର୍ଯ୍ୟନାରାୟଣ ଦାସ



Digitized by srujanika@gmail.com

ନେଷ୍ଟର ଦାସ

ଲେଖକ :

ଶ୍ରୀ ସୂର୍ଯ୍ୟନାରାୟଣ ଦାସ,

ଏମ୍. ଏ., ଡ଼ି. ଏଫ୍. ଏସ୍.

ପ୍ରକାଶକ :

ନଉ ଷ୍ଟୁଡେଣ୍ଟସ୍ ଷ୍ଟୋର,

ବିନୋଦବିହାରୀ,

କଟକ—୨

ପ୍ରଥମ ପ୍ରକାଶ :

ଡିସେମ୍ବର—୧୯୬୭

ମୁଦ୍ରାକର :

ନଉ ପ୍ରେସ,

କାଳିବଜାର, କଟକ-୧

ମୂଲ୍ୟ—ଦୁଇଟଙ୍କା ମାତ୍ର

Digitized by srujanika@gmail.com

ମଧୁ-ବାଣୀ

ଆମ୍ଭେମାନେ ସମସ୍ତେ କାର୍ଯ୍ୟ କଲାବେଳେ ଥରେ ଆମ୍ଭମାନଙ୍କର ଭାବିବା ଉଚିତ ଯେ, ମୋ କାର୍ଯ୍ୟଦ୍ୱାରା ମୋ ଜାତିର ମାନ ବଢ଼ୁଛି କି ନାହିଁ ।

× × ×

ଭଗବାନଙ୍କଠାରେ ବିଶ୍ୱାସ ରଖି ସତ୍ୟ ପଥରେ ଏକନିଷ୍ଠ ଭାବରେ ଜାତୀୟ କାର୍ଯ୍ୟରେ ଲାଗିପଡ଼ ! ତେବେଯାଇଁ ଜାତିଙ୍କ ଚିତ୍ତକୁ ତୁମେ ନିଶ୍ଚୟ ଆକର୍ଷଣ କରିପାରିବ ।

× × ×

ମୋ ଜାତିର ପୀଠରେ ତୁମର ଜୀବନକୁ ବଳିଦାନ କର । ପୂର୍ବେ ଏ ଜାତି ଯେଉଁ ଗୌରବର ଅଧିକାରୀ ହୋଇଥିଲା, ସେ ଗୌରବ ଲାଭ କର ।

× × ×

ଅନ୍ୟକୁ ସାହାଯ୍ୟ କରିବାପାଇଁ ସର୍ବଦା ପ୍ରସ୍ତୁତ ରହ । ଶେଷ ସମୟରେ ଭଗବାନଙ୍କ ଦ୍ୱାରରେ ତୁମ କାର୍ଯ୍ୟର ମୂଲ୍ୟାୟନ ହେବ । ତୁମେ ଯଦି ଭଲ କରିଥିବ, ତେବେ ତୁମ ଆଗକୁ ଭଗବାନ ଆସି କହିବେ—ଆସ, ମୋର ପ୍ରିୟ ଶିଶୁ ! ତୁମକୁ ମୁଁ ଜୀବନର ମୁକ୍ତି ଦେବି ।

× × ×

Digitized by srujanika@gmail.com

ନିଜ ସକାଶେ ଜୀବନ ଧାରଣ କରିବା ମନୁଷ୍ୟ ଜୀବନର କଦାପି ଉଦ୍ଦେଶ୍ୟ ନୁହେଁ । ଈଶ୍ୱର ଏ ଉଦ୍ଦେଶ୍ୟରେ କାହାକୁ ସୃଷ୍ଟି କରିନାହାନ୍ତି ।

× × ×

ମୁଁ ବିଶ୍ୱାସ କରେ ନାହିଁ ଯେ ଈଶ୍ୱରଙ୍କ ଜଗତର କେହି ମନୁଷ୍ୟ ସ୍ୱାର୍ଥପର ହୋଇପାରେ । ଯେ ସ୍ୱାର୍ଥପର, ସେ ଈଶ୍ୱରଙ୍କ ଆଜ୍ଞା ଲଙ୍ଘନ କରିଅଛି । ଈଶ୍ୱର କାହାରିକୁ ସ୍ୱାର୍ଥପର ହେବାକୁ ଦିଅନ୍ତି ନାହିଁ ।

× × ×

ଆଜି ତୁମ୍ଭେ ଓ ଆମ୍ଭେ ଅଛୁ, କାଲି ତୁମ୍ଭେ ଓ ଆମ୍ଭେ ଚାଲିଯିବା । ତଥାପି ମନୁଷ୍ୟ ଶରୀର ପରି ଆମ୍ଭର ଜାତିଟି ଦିନକୁ ଦିନ ବଢ଼ୁଥିବ । ଜନନୀ ସେବାରେ ଆତ୍ମଗର୍ବ, ସ୍ୱାର୍ଥପରତା ତ୍ୟାଗ କରିବାକୁ ହେବ । ମୁଁ ବା ତୁମ୍ଭେମାନେ କାଲି ଇହ ସଂସାରରୁ ଚାଲିଯିବା, କିନ୍ତୁ ଜାତି ଅମର ଓ ଚିରଜୀବୀ ।

× × ×

ଯଦି ଉନ୍ନତି ଲଭିବାକୁ ଇଚ୍ଛା କର, ବୀଜ ଯେପରି ମାଟିକୁ ଯାଇ ବୃକ୍ଷକୁ ଉଚ୍ଚକୁ ଉଠାଏ, ସେହିପରି ନିଜେ ମାଟିକୁ ଯାଅ ଓ ଜାତିକୁ ଉଚ୍ଚକୁ ଉଠାଅ ।

× × ×

ଦୋଷ ଗୁଣ ଦେଖିବା ସମ୍ବନ୍ଧରେ ମୋର ବକ୍ତବ୍ୟ ଏହି ଯେ ଯୋଡ଼ିଏ ଆଖିରୁ ଗୋଟିଏ ଆଖି ବନ୍ଦ କର ଓ ଗୋଟିଏ ଆଖି ଖୋଲି ରଖ । ବନ୍ଦ ଆଖିରେ ଜାତିର ଦୋଷଗୁଡ଼ିକ ଦେଖ । ଖୋଲା ଆଖିରେ ସେମାନଙ୍କର ଗୁଣଗୁଡ଼ିକ ନିରୀକ୍ଷଣ କର ।

●

Digitized by srujanika@gmail.com

ଏ ପୁସ୍ତିକା ସମ୍ପର୍କରେ...

ଏ ପୁସ୍ତିକାଟି ବିଗତ ୧୯୭୫ ମସିହା ଏପ୍ରିଲ ୨୮ ତାରିଖରେ କଟକ ଆକାଶ ବାଣୀ ପକ୍ଷରୁ ପ୍ରଚାରିତ 'ଶିଳ୍ପୀରଥ-ମଧୁସୂଦନ' ଶୀର୍ଷକ ରୂପକର ପରିମାର୍ଜିତ ଓ ପରିବର୍ଦ୍ଧିତ ରୂପ ମାତ୍ର । ମୂଳ ଲେଖାଟି କାଣ୍ଟିତ୍ ସଂଶୋଧିତ ହୋଇ ପ୍ରଚାର ପାଇବା ଫଳରେ ସେତେବେଳେ ସେଥିରେ କେତେ ଜଣ ବ୍ୟକ୍ତି କ୍ଷୁବ୍ଧ ହୋଇଥିଲେ ଓ ପ୍ରଚାରିତ ବିଷୟ ଗର୍ହିତ, କପୋଳକଳ୍ପିତ ଓ ଆପତ୍ତିଜନକ ବୋଲି କର୍ତ୍ତୃପକ୍ଷଙ୍କ ନିକଟରେ ଅଭିଯୋଗ କରିଥିଲେ । ବିଶେଷତଃ ମଧୁବାବୁଙ୍କର ଶୈଶବର କେତୋଟି ଚମତ୍କାରି ଘଟଣା ତଥା ତାଙ୍କର ଚରିତ୍ର କାନ୍ତି ଦିଆଯାଇଥିବା ବିଷୟକୁ କେନ୍ଦ୍ର କରି ସେହି ଆନ୍ଦୋଳନ ସୃଷ୍ଟି ହୋଇଥିଲା, ଯଦିଓ ସେସବୁ ଘଟଣାର ଐତିହାସିକତା ଅବିସମ୍ବାଦିତ ଏବଂ ତାହା ପଣ୍ଡିତ ସୂର୍ଯ୍ୟନାରାୟଣ ଦାଶଙ୍କର 'ଦେଶପ୍ରାଣ ମଧୁସୂଦନ', ସୁରେନ୍ଦ୍ର ମହାନ୍ତିଙ୍କର 'ଶତାବ୍ଦୀର ସୂର୍ଯ୍ୟ' ସମେତ ବହୁ ପୁସ୍ତକ ଓ ରଚନାବଳୀରେ ପୂର୍ବରୁ ସ୍ପଷ୍ଟ ଉଲ୍ଲିଖିତ ।

ଆକାଶବାଣୀରେ ରୂପକଟିର ପ୍ରଚାର ନେଇ ଯେଉଁ ଚାଞ୍ଚଲ୍ୟ ଖେଳିଥିଲା, ସେ ପରିସ୍ଥିତିରେ ପ୍ରଚାରିତ ଲେଖାଟି ବିଷୟରେ ମତ ଦେଇ ପଣ୍ଡିତ ସୂର୍ଯ୍ୟନାରାୟଣ ଦାଶ ଦୈନିକ 'ସମାଜ'ରେ ପ୍ରକାଶିତ ଏକ ପତ୍ରରେ ଲେଖିଥିଲେ—

"୧ ତାରିଖ ସମାଜରେ 'ମଧୁ-ଜୟନ୍ତୀ' ରୂପକରେ କେତେକ ଗର୍ହିତ ଓ ଅବାନ୍ତର ପ୍ରଚାର ଫଳରେ କେତେ ଜଣ ଗୁଣନେତା କ୍ଷୁବ୍ଧ ହୋଇଥିବା ପ୍ରକାଶ ପାଇଛି । ମୁଁ ସେ ଦିନର ରେଡିଓ

Digitized by srujanika@gmail.com

ଶୁଣିଛୁ । ମଧୁବାବୁଙ୍କ ସମ୍ବନ୍ଧରେ କୌଣସି ଆପତ୍ତିଜନକ କିମ୍ବା ଅବାନ୍ତର କଥା ସେଥିରେ ଥିବାଭଳି ମୋତେ ଲଗିଲା ନାହିଁ ।"

ଶ୍ରୀଯୁକ୍ତ କାଳନ୍ଦୀଚରଣ ପାଣିଗ୍ରାହୀ ଲେଖିଥିଲେ—"ଉତ୍କଳ ଗୌରବ ମଧୁସୂଦନଙ୍କ ସମ୍ପର୍କରେ କଟକ ଆକାଶବାଣୀରୁ ପ୍ରସାରିତ (ଶିଳ୍ପୀଙ୍କ-ମଧୁସୂଦନ) ବିଷୟରେ କୌଣସି ଆପତ୍ତିଜନକ ବା ଅପ୍ରୀତିକର କଥା ନାହିଁ । ଏହା ସମ୍ପୂର୍ଣ୍ଣ ନିର୍ଦ୍ଦୋଷ ଓ ଉପଭୋଗ୍ୟ ତଥା ଶିକ୍ଷଣୀୟ ।"

ଅଧ୍ୟାପକ କାର୍ତ୍ତିକଚନ୍ଦ୍ର ରଥ ଲେଖିଥିଲେ—"ମଧୁବାବୁଙ୍କ ଭଳି ଜଣେ ସର୍ବଜନସ୍ୱୀକୃତ ଜାତୀୟ ପୁରୁଷଙ୍କ ଜୀବନର କେତୋଟି ଘଟଣା, ବିଘଟଣ ବା ଦୁର୍ଘଟଣାକୁ କେନ୍ଦ୍ର କରି ତାହାକୁ ଅନ୍ୟାର୍ଥେ ଗ୍ରହଣ କରିବା ଯେପରି ଅନ୍ୟାୟ, ସେ ସମ୍ପର୍କରେ ତର୍କ କରି ସଙ୍କୀର୍ଣ୍ଣ ମନୋବୃତ୍ତି ପୋଷଣ କରିବା ମଧ୍ୟ ସେହିପରି ଅବାନ୍ତର । ଯୁଗପୁରୁଷ ଭାବେ ଜାତୀୟ ଜୀବନକୁ ମହୀୟାନ୍, ଶକ୍ତିମାନ୍ କରିବା ଦିଗରେ ମଧୁବାବୁଙ୍କ ଯେଉଁ ଶାଶ୍ୱତ-ସ୍ଥାନରେ ରହିଛନ୍ତି, ତାହାକୁ ଅସ୍ୱୀକାର କରିବା ଯେପରି ଏକ ଜାତୀୟ ଅପରାଧ···ସତ୍ୟାସତ୍ୟକୁ ସମ୍ମୁଖରେ ରଖି ବୃଥା ମନସ୍ତାପଦ୍ୱାରା ଏକ ମହାନ୍ ଆତ୍ମା ପ୍ରତି ବିତୃଷ୍ଣା ପ୍ରକାଶ ଠିକ୍ ସେହିପରି ଏକ ଜାତୀୟ ପାପ ।"

'ଅନାମ ଗୋଷ୍ଠୀ'ର ଶ୍ରୀ ଚିତ୍ତରଞ୍ଜନ ମିଶ୍ର ଲେଖିଥିଲେ—"କୌଣସି ବ୍ୟକ୍ତିତ୍ୱର ସଫଳତାର ପରୀକ୍ଷା ହେଉଛି ଜୀବନର ସଠିକ ବିଶ୍ଳେଷଣ । ଦସ୍ୟୁ ରତ୍ନାକର ବାଲ୍ମୀକି ହେବାରେ ଯେଉଁ ଗୌରବ ପାଇଥିଲେ, ଯଦି ସେ ପିଲାଦିନରୁ ତପସ୍ୟା କରି କରି ମହାଋଷି ହୋଇଥାନ୍ତେ, ସେତିକି ଗୌରବ ପାଇ ନ ଥାନ୍ତେ । 'ଚଗଲା-ମଧୁ'ରୁ 'କୁଳବୃଦ୍ଧ' ହେବା ବରଂ ମଧୁସୂଦନ ତଥା ଓଡ଼ିଆ ଜାତି ପ୍ରତି ଅଧିକ

Digitized by srujanika@gmail.com

ଗୌରବର ବିଷୟ । ଏହାକୁ ଅବାନ୍ତର ବା ଅବାଞ୍ଛିତ କହିବା ସଙ୍କୀର୍ଣ୍ଣତା ମାତ୍ର ।"

'ଉତ୍କଳ ସାହିତ୍ୟ ପରିଷଦ'ର ଆବାହକ ଶ୍ରୀ ଅପୂର୍ବ ରଞ୍ଜନ ରାୟ ମତ ଦେଇଥିଲେ—"ଉତ୍କଳର ପୂଜ୍ୟ ପୁରୁଷ ମଧୁବାବୁଙ୍କ ସମ୍ପର୍କରେ ଆକାଶବାଣୀ କଟକରୁ ପ୍ରସାରିତ ତଥ୍ୟ ଆଦୌ ଆପତ୍ତିଜନକ ନୁହେଁ ବୋଲି ମୋର ବିଶ୍ୱାସ । ବରଂ ଏହି ପ୍ରସ୍ତର ବେଶ୍ ଆଦୃତ ହୋଇଛି ବୋଲି ମୁଁ ନିଜେ ବହୁ ବିଜ୍ଞ ଶ୍ରୋତାଙ୍କ ମୁଖରୁ ଶୁଣିବାକୁ ପାଇଛି । ଏ ପ୍ରକାର ପ୍ରସ୍ତର ଫଳରେ ଉତ୍କଳର ଜଣେ ପୂଜ୍ୟ ସ୍ମରଣୀୟ ସାଧକଙ୍କ ପ୍ରତି ଉପଯୁକ୍ତ ସମ୍ମାନ ପ୍ରଦର୍ଶନ କରାଯାଇଛି ବୋଲି ମୋର ଦୃଢ଼ ବିଶ୍ୱାସ ।"

ଏମାନଙ୍କ ବ୍ୟତୀତ ସର୍ବଶ୍ରୀ ଉଦୟନାଥ ଷଡ଼ଙ୍ଗୀ, କାହ୍ନୁ ଚରଣ ମହାନ୍ତି, ରାଜକିଶୋର ପଟ୍ଟନାୟକ, ରବି ସିଂ, ରବିନାରାୟଣ ମହାପାତ୍ର, ପରମେଶ୍ୱର ତ୍ରିପାଠୀ, ମୁରାରୀ ଜେନା, ଜାନକୀ ବଲ୍ଲଭ ମହାନ୍ତି (ଜୟପୁର), କୁଳମଣି ମହାରଣା ପ୍ରମୁଖ ବହୁ ସାହିତ୍ୟିକ ଏହି ମର୍ମରେ ମତ ଦେଇଥିଲେ । ପୁଣି ଅନେକ ମତାମତ ଦୈନିକ 'ମାତୃଭୂମି'ରେ ପ୍ରକାଶ ପାଇଥିଲା । ସେତେବେଳେ ନ୍ୟୁ ଷ୍ଟୁଡ଼େଣ୍ଟସ୍ ଷ୍ଟୋରର ସ୍ୱତ୍ୱାଧିକାରୀ ଶ୍ରୀଯୁକ୍ତ ଭିକାରିଚରଣ ଦାସ ମଧ୍ୟ ଏ ପ୍ରସଙ୍ଗରେ ମତ ପ୍ରକାଶ କରିଥିଲେ ଯେ, ପ୍ରସାରିତ ଲେଖାଟି ଆପତ୍ତିଜନକ ନୁହେଁ, ବରଂ ଯୁବସମାଜ ପକ୍ଷେ ଶିକ୍ଷାପ୍ରଦ । ସେ ପୁଣି ଏହି ବିଷୟକୁ ପୁସ୍ତକାକାରରେ ପ୍ରକାଶ କରିବେ ବୋଲି ସେତେବେଳେ ବ୍ୟକ୍ତିଗତ ଭାବେ ତାଙ୍କର ମନୋଭାବ ବ୍ୟକ୍ତ କରିଥିଲେ ।

Digitized by srujanika@gmail.com

ବର୍ତ୍ତମାନ ପୁସ୍ତିକାଟିର ପ୍ରକାଶନ ଅବସରରେ ସଂପୃକ୍ତ ସମସ୍ତ ସାହିତ୍ୟିକ ଓ ସାହିତ୍ୟାନୁଷ୍ଠାନ ପ୍ରତି ମୁଁ ମୋର ହାର୍ଦ୍ଦିକ କୃତଜ୍ଞତା ଜଣାଉଛି । ଏଠାରେ ଆଉ ଥରେ କହିରଖେ ଯେ, ଏହି ପୁସ୍ତିକାଟି ବେତାର ପ୍ରସାରିତ ରୂପକର ଅବିକଳ ନକଲ ନୁହେଁ । ଏହାର ପ୍ରକାଶ କାଳରେ ଅନେକ ଖଣ୍ଡନ ମଣ୍ଡନ କରାଯାଇଛି । ତେବେ, ପ୍ରସାରିତ ବିଷୟଟି ଏହି ପୁସ୍ତିକାର ଏକ ବିଶିଷ୍ଟ ଅଙ୍ଗ ବୋଲି କହିଲେ ଅତ୍ୟୁକ୍ତି ହେବନାହିଁ । ଇତି ।

ସୂର୍ଯ୍ୟନାରାୟଣ ଦାସ

Digitized by srujanika@gmail.com

ସୂଚୀ

ଅପୂର୍ବ ଜାତୀୟ ଉନ୍ମାଦନା ଓ ଉତ୍କଳ ସମ୍ମିଳନୀ	୧
ମଧୁବାବୁ ଓଡ଼ିଶା ଓ ଓଡ଼ିଶା ମଧୁବାବୁ	୪
ଗୋଟିଏ ଚମତ୍କାରପ୍ରଦ ଘଟଣା	୬
ସତ୍ୟଭାମାପୁରରେ 'ଶତାବ୍ଦୀର ସୂର୍ଯ୍ୟ'	୮
ସମ୍ପତ୍ତିର ଉତ୍ତରାଧିକାରୀ	୧୦
ଜାତୀୟ ଗୌରବର ପ୍ରତୀକ 'ଉତ୍କଳ ଟାନେରୀ'	୧୨
ଓକିଲତି-ସଫଳତାର କାଉଁରୀ କାଠି	୧୫
ସୁଯୋଗ୍ୟ ବ୍ୟବସ୍ଥାପକ	୧୮
ଶୈଶବର 'ଚଗଲା-ମଧୁ'	୨୦
ଅଢ଼େଇ ଦିନିଆ ଦାମ୍ପତ୍ୟ ଜୀବନ	୨୨
ବ୍ୟକ୍ତିତ୍ୱ : ଏକ ଉଜ୍ଜ୍ୱଳ ଆଲୋକବର୍ତ୍ତିକା	୨୪
ସାହେବୀ ଢଙ୍ଗରେ ଜୀବନ ଯାତ୍ରା	୩୦
ସଂଗ୍ରାମୀ ଜୀବନର ଶେଷ ପର୍ଯ୍ୟାୟ	୩୨
ମଧୁ-ସ୍ମୃତି	୩୪

Digitized by srujanika@gmail.com

ମିଷ୍ଟର ଦାସ

"ପାଠ ପଢ଼ିବ, ଓକିଲ ହେବ
ମଧୁବାବୁ ସଙ୍ଗେ ଲଢ଼ିବ ।"

ଗୋଟାଏ ଚଳନ୍ତ ଶତାବ୍ଦୀ କାଳ ଧରି ଓଡ଼ିଶାର ଘରେ ଘରେ ପ୍ରତ୍ୟେକଟି ଶିଶୁ ମୁଖରେ ଶୁଣିବାକୁ ମିଳୁଥିଲା ଏହି ଅସାଧାରଣ ଦରୋଟି ସଙ୍ଗୀତ । ଭବିଷ୍ୟତ ଜୀବନରେ ସୁନାଗରିକ ଭାବେ ନିଜକୁ ଗଢ଼ି ତୋଳିବା ପାଇଁ ଏହି ମନ୍ତ୍ର ସଙ୍ଗୀତ ଖେଳାଇ ଦେଉଥିଲା କୋମଳ ଶିଶୁ ପ୍ରାଣରେ ଅପୂର୍ବ ଉଦ୍‌ବେଳନ । ତରଳ ମନରେ ସଞ୍ଚାର କରିଥିଲା ଅସୁମାରି ପ୍ରେରଣାର ଉତ୍ସ । ବଡ଼ ମଣିଷ ହେବାର ଆଶାରେ ଆନନ୍ଦରେ ନାଚି ଉଠୁଥିଲା ତାର କ୍ଷୁଦ୍ର ଅନ୍ତର ।

ଶିଶୁ-ସମାଜ ସମ୍ମୁଖରେ ବଡ଼ ମଣିଷ ହେବାର ଏହି ମହନୀୟ ଆଦର୍ଶ ପ୍ରଚାର କରିଯାଇଥିଲେ ବାଙ୍ଗୀର ବିଶିଷ୍ଟ ପଣ୍ଡିତ ସ୍ୱର୍ଗତ ଗୋବିନ୍ଦ ରଥେ । ସେ ଏହାକୁ ଲିପିବଦ୍ଧ କରିଥିଲେ ତାଙ୍କର 'ଓଡ଼ିଆ ବର୍ଣ୍ଣବୋଧକ' ବହିରେ । (ଆଉ ଏ ବହିଟି ସେ ଲେଖିଥିଲେ ଭକ୍ତକବି ମଧୁସୂଦନ ରାଓଙ୍କ 'ଓଡ଼ିଆ ବର୍ଣ୍ଣବୋଧ' ଦ୍ୱାରା ପ୍ରଭାବିତ ହୋଇ) । ସ୍ୱର୍ଗତ ମଧୁସୂଦନ ରାଓଙ୍କ ବହି ଭଳି ସ୍ୱର୍ଗତ ରଥଙ୍କ ବହିଟି ମଧ୍ୟ ସେ କାଳରେ ଶିଶୁ ମହଲରେ ବେଶ ଆଦୃତ ହୋଇଥିଲା ।

Digitized by srujanika@gmail.com

ବଡ଼ ହୋଇ ପାଠ ପଢ଼ ଯାହା ସମ୍ଭବ ଲଭିବା ପାଇଁ ଦିନେ ଓଡ଼ିଶାର ଅଗଣିତ ଶିଶୁ-ସମାଜ ଦୃଢ଼ସଂକଳ୍ପ ଥିଲେ ଓ ମନେ ମନେ ସୁନେଲି ସ୍ୱପ୍ନ ଦେଖୁଥିଲେ, ସେଇ ମଧୁବାବୁଟି କିଏ ?

ସେ ନଥିଲେ ରକ୍ତରଞ୍ଜିତ ରଣକ୍ଷେତ୍ରର ବନ୍ଧୁକଧାରୀ ଲଢ଼ୁଆ ସୈନିକ । ଶକ୍ତିଶାଳୀ ବୀର ବାହାଦୁରଙ୍କ ପରି ତାଙ୍କର ପୃଥୁଳ ଦେହ ବି ନଥିଲା, କି ବିପୁଳ ବାହୁବଳ ନଥିଲା । ସେ ଥିଲେ କ୍ଷୀଣ-ବପୁ, କୃଶାଙ୍ଗ ଶରୀରବିଶିଷ୍ଟ ଜଣେ ଶୀର୍ଣ୍ଣକାୟ ବ୍ୟକ୍ତି;—ହେତେ ଯେମିତି ଶୂନ୍ୟରେ ଗୋଟାଏ କଙ୍କାଳ ଝୁଲୁଛି, ଫୁଙ୍କିଦେଲେ କୋଉଁଆଡ଼େ ବାଟ ଉଡ଼ିଯିବ ।

ତେବେ ତାଙ୍କର ମାନସିକ ଶକ୍ତି ଥିଲା ଅସାଧାରଣ । ବୁଦ୍ଧିବଳର ସଂଗ୍ରାମ-ପୀଠରେ ସେ ଥିଲେ ଅପରାଜେୟ । ନିଜର ଅଗାଧ ପାଣ୍ଡିତ୍ୟ, ତୀକ୍ଷ୍ଣ ଧୀଶକ୍ତି ଓ ଶାଣିତ ବାକ୍‌ପଟୁତା ବଳରେ ସେ ଶ୍ରେଷ୍ଠ ବାରିଷ୍ଟର ରୂପେ ଯେ କେବଳ ଖ୍ୟାତି ଅର୍ଜନ କରିଥିଲେ, ସେତିକି ନୁହେଁ; ଆମର ଶିଳ୍ପ, ସମାଜ, ସାହିତ୍ୟ, ରାଜନୀତି ପ୍ରତ୍ୟେକ କ୍ଷେତ୍ରକୁ ଦୃଢ଼ ଓ ସମୃଦ୍ଧ କରି ଗଢ଼ିବା ଦିଗରେ ସୁଯୋଗ୍ୟ ଅଗ୍ରଣୀ ସାଜିଥିଲେ ।

ସେହି ଅମର ସନ୍ତାନ ମଧୁସୂଦନ ହେଉଛନ୍ତି ଆଜି ଆମର 'ଉତ୍କଳ-ଗୌରବ' । ତାଙ୍କର ପୂର୍ଣ୍ଣ ନାମ ପ୍ରକାଶ ବା ଉଚ୍ଚାରଣ କରିବାର ଏବେ ଆଉ କୌଣସି ଆବଶ୍ୟକତା ପଡ଼ୁନାହିଁ । କେବଳ 'ମିଷ୍ଟର ଦାସ' କହିଲେ ସାରା ଦେଶର ଲୋକେ ତାଙ୍କୁ ଠିକ୍ ଚିହ୍ନି ନେଉଛନ୍ତି ।

Digitized by srujanika@gmail.com

ଅପୂର୍ବ ଜାତୀୟ ଉନ୍ମାଦନା ଓ ଉତ୍କଳ ସମ୍ମିଳନୀ

ମଧୁବାବୁ ଥିଲେ ଯଥାର୍ଥରେ ପରାଧୀନ ଓଡ଼ିଶା ମାଟିରେ ଉଚ୍ଚାଦର୍ଶର ଜଣେ ଅପ୍ରତିଦ୍ୱନ୍ଦ୍ୱୀ ଜନନାୟକ । ସେ ଏକାଧାରରେ ଥିଲେ ଜଣେ ଚରମ ଜାତୀୟତାବାଦୀ ନେତା, ନିଃସ୍ୱାର୍ଥପର ଦେଶସେବୀ, ଅସାଧାରଣ ପ୍ରତିଭାସମ୍ପନ୍ନ ଆଇନଜ୍ଞ, ପ୍ରଭାବଶାଳୀ ଲେଖକ, ଉତ୍କଳୀୟ ନାଟ୍ୟକଳାର ଶ୍ରେଷ୍ଠ ପୃଷ୍ଠପୋଷକ, ନିର୍ଭୀକ ଓ ରୁଚିଶୀଳ ସାମ୍ବାଦିକ, କୋଟିଜନ ମନୋମୁଗ୍ଧକର ବକ୍ତା ।

ସଂକ୍ଷେପରେ କହିଲେ, ସେ ଥିଲେ ଉତ୍କଳ ଜନନୀର ଶ୍ରେଷ୍ଠ ବରପୁତ୍ର; ଉତ୍କଳୀୟ ଆଶା, ଆକାଂକ୍ଷା ଓ ଉଚ୍ଚାଭିଳାଷର ଉଦ୍ଦୀପ୍ତ ଆଲୋକ ଶିଖା; ଜାତି-ପୋତର ଦିଗ୍‌ନିର୍ଣ୍ଣାୟକ ଧ୍ରୁବତାରା ।

ପରାଧୀନ ଉତ୍କଳର ସୁପ୍ତ ଜନତାକୁ ଜାତୀୟ ଭାବରେ ଉଦ୍‌ବୁଦ୍ଧ କରିବା କ୍ଷେତ୍ରରେ ତାଙ୍କର ବଜ୍ରନିର୍ଘୋଷ ବୈପ୍ଳବୀ ସ୍ୱର ନିଷ୍ପ୍ରେଷ୍ଟ ଜଡ଼ ଜନତାର ରକ୍ତ ମାଂସ ଭେଦକରି ଅସ୍ଥିମଜ୍ଜାକୁ ସ୍ପର୍ଶ କରିଥିଲା । ମଧୁବାବୁ ତାଙ୍କ ବୈପ୍ଳବିକ ଉଦ୍‌ବୋଧନ ବାଣୀଦ୍ୱାରା ଏ ଜାତିର ପ୍ରାଣରେ ଦେଶପ୍ରେମର ଦାବାନଳ ଜାଳି ଦେଇଥିଲେ—

"ଜାତିପ୍ରେମବହ୍ନି ପ୍ରଜ୍ୱଳିତ କର ସ୍ୱାର୍ଥକୁ ଦିଅ ଆହୁତି,
ସ୍ୱାର୍ଥମେଧ ଯଜ୍ଞ ଦୃଶଆଡ଼େ ନାଚ ଗୁହିତକୁ ମିଶାଇ ଗୁହିତ ।

ଭୂମିକମ୍ପ ହେବ ଧରଣୀ ଫାଟିବ ଉଠିବେ ସହସ୍ରଭୁଜା,
ସେହି ତୋର ମାତା, ସେହି ତୋର ଧାତା, କର ସେହି
ପଦ ପୂଜା ।"

Digitized by srujanika@gmail.com

୧୯୦୩ ମସିହା ଡିସେମ୍ବର ମାସ ୩୦ ତାରିଖ ।

ସେଦିନ ସନ୍ଧ୍ୟାରେ କଟକ ଇଦଗାପଡ଼ିଆଠାରେ ମୟୂରଭଞ୍ଜର ତତ୍କାଳୀନ ମହାରାଜା ଶ୍ରୀ ଶ୍ରୀରାମଚନ୍ଦ୍ର ଭଞ୍ଜଦେବଙ୍କ ସଭାପତିତ୍ୱରେ ମହାସମାରୋହ ଓ ଅପୂର୍ବ ଜାତୀୟ ଉନ୍ମାଦନା ମଧ୍ୟରେ ଏକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା । ସେହି ସମ୍ମିଳନୀ ଆଣିଦେଇଥିବ ଦେଶମାନ ରକ୍ତରେ ନବୀନର ଉଷ୍ମ ଉତ୍ତେଜନା । ଏହି ସମ୍ମିଳନୀର ମୂଳ ଲକ୍ଷ୍ୟ ଥିଲା—ପ୍ରାକୃତିକ ଉତ୍କଳର ଏକତ୍ରୀକରଣ, ଓଡ଼ିଶାରେ କୃଷି, ବାଣିଜ୍ୟ ଓ ଶିଳ୍ପ ଉନ୍ନୟନ ଏବଂ ଓଡ଼ିଆ ସାହିତ୍ୟର ପ୍ରଚାର ଓ ପ୍ରସାର । ଏହା ଥିଲା 'ଉତ୍କଳ ସମ୍ମିଳନୀ'ର ପ୍ରଥମ ଅଧିବେଶନ ।

ମଧୁବାବୁଙ୍କ ଜାତୀୟ ସେବାର ଉତ୍କୃଷ୍ଟ କର୍ମକ୍ଷେତ୍ର ଥିଲା ଏହି 'ଉତ୍କଳ ସମ୍ମିଳନୀ' । ସେ ନିଜେ ଥିଲେ ଏହାର ଜନ୍ମଦାତା ଓ ମନ୍ତ୍ରଦାତା ।

ମଧୁବାବୁ ଓଡ଼ିଶା ଓ
ଓଡ଼ିଶା ମଧୁବାବୁ

୧୯୦୩ ମସିହାଠାରୁ ୧୯୧୯ ମସିହା ପର୍ଯ୍ୟନ୍ତ ଏହି 'ଉତ୍କଳ ସମ୍ମିଳନୀ' ଥିଲା ବିଶାଳ ଉତ୍କଳ ଜାତୀୟଭାବ ଚେତନାର ଶ୍ରେଷ୍ଠ ପୀଠ, ଆଉ ଚରମ ଜାତୀୟବାଦୀ ମଧୁବାବୁଙ୍କର ଉଗ୍ର ଚେତନାର ପ୍ରାଣପିଣ୍ଡ । ସେ କହୁଥିଲେ—"ଉତ୍କଳ ସମ୍ମିଳନୀ ଉତ୍କଳବାସୀଙ୍କ ସମ୍ମିଳନୀ, ଜନନୀ ଜନ୍ମଭୂମିଙ୍କ ପୂଜାମଣ୍ଡପ ।"

Digitized by srujanika@gmail.com

ଏହି ସମ୍ମିଳନୀ ମାଧ୍ୟମରେ ଜାତି ପାଇଁ ପ୍ରାଣବଳ ଦେବାଲାଗି ସେ ବଜ୍ର ନିର୍ଘୋଷରେ ସୁପ୍ତ ଜନତାଙ୍କ ପ୍ରତି ଦୃଢ଼ ଆହ୍ୱାନବାଣୀ ଶୁଣାଇଥିଲେ—

"ଏହି ସମ୍ମିଳନୀ ଜାତି-ପ୍ରାଣ-ସିନ୍ଧୁ
କୋଟି ପ୍ରାଣବିନ୍ଦୁ ଧରେ,
ତୋର ପ୍ରାଣ ବିନ୍ଦୁ ମିଶାଇ ଦେ ଭାଇ
ତେଜେ ପଡ଼ୁ ସିନ୍ଧୁ ନୀରେ ।
ତରଙ୍ଗ ଉଠିବ ସିନ୍ଧୁ ଗରଜିବ
ଶୁଣିବୁ ସିଂହର ରବ,
ନିଖିଳ ରାଜ୍ୟରେ ଓଡ଼ିଆ ଜାତିର
ବଢ଼ିବ ମାନ ଗୌରବ ।"

'ଉତ୍କଳ ସମ୍ମିଳନୀ' ଗଠନ ଓ ତାର କାର୍ଯ୍ୟନିର୍ବାହ କ୍ଷେତ୍ରରେ ସ୍ୱର୍ଗତ ମଧୁସୂଦନ ଦାସଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ସମ୍ପର୍କରେ ସ୍ୱନାମଧନ୍ୟ ସମାଲୋଚକ ପଣ୍ଡିତ ସୂର୍ଯ୍ୟନାରାୟଣ ଦାଶଙ୍କ ମତ ପ୍ରଣିଧାନଯୋଗ୍ୟ । ତାଙ୍କ ଭାଷାରେ—

"ମଧୁବାବୁଙ୍କ ପ୍ରେରଣା ଓ ଅକ୍ଳାନ୍ତ ପରିଶ୍ରମ ବଳରେ ପ୍ରଥମ ସମ୍ମିଳନୀ ଯେଉଁ ସାଫଲ୍ୟମଣ୍ଡିତ ହୋଇଥିଲା, ତାହା ସମ୍ମିଳନୀର ଦୃଢ଼ ଭିତ୍ତି ସ୍ଥାପନ କରି ଦେଇଗଲା । ଓଡ଼ିଆ ଜାତିର ଜୀବନର ସୁଖଦୁଃଖ ସଙ୍ଗେ ଉତ୍କଳ ସମ୍ମିଳନୀ ଓତଃପ୍ରୋତ ଭାବରେ ଜଡ଼ିତ ହୋଇଗଲା । 'ଯେ ଓଡ଼ିଶା ସେ ସମ୍ମିଳନୀ, ଯେ ସମ୍ମିଳନୀ ସେ ଓଡ଼ିଶା' ହୋଇଗଲା । ସମ୍ମିଳନୀର ଯୌବନାବସ୍ଥାରେ 'ସମ୍ମିଳନୀ ହିଁ ମଧୁବାବୁ ଓ ମଧୁବାବୁ ହିଁ ସମ୍ମିଳନୀ'ରୂପେ ପରିଚିତ ହେଉଥିଲେ ।

Digitized by srujanika@gmail.com

ଫଳରେ 'ମଧୁବାବୁ ହିଁ ଓଡ଼ିଶା ଓ ଓଡ଼ିଶା ହିଁ ମଧୁବାବୁ' ରୂପେ ଜଗତରେ ଲୋକେ ଜାଣୁଥିଲେ ।"*

ବାସ୍ତବିକ୍ ମିଷ୍ଟର୍ ଦାସ ଉତ୍କଳ ସମ୍ମିଳନୀର ପ୍ରଥମ ଅଧିବେଶନ ପରେ ସମଗ୍ର ଉତ୍କଳ ଭୂଖଣ୍ଡର ମୁକୁଟହୀନ ସମ୍ରାଟରୂପେ ପ୍ରତିଷ୍ଠିତ ହୋଇଥିଲେ ।

ଗୋଟିଏ ଚମକପ୍ରଦ ଘଟଣା

ପ୍ରକୃତରେ ଦେଖିବାକୁ ଗଲେ, ମଧୁବାବୁ ସେ ସମୟରେ ଯେପରି ଉଚ୍ଚକୋଟୀର ସମ୍ମାନ ଓ ଗୌରବ ଅର୍ଜନ କରିଥିଲେ, ତାହା ପୃଥିବୀର ଖୁବ୍ କମ୍ ଲୋକଙ୍କ ଭାଗ୍ୟରେ ଜୁଟିଥିବ । ତେବେ, ମଧୁବାବୁ ଦିନେ ଏପରି ଅସାମାନ୍ୟ ଗୌରବ ଓ ସମ୍ମାନର ଅଧିକାରୀ ହେବେ ବୋଲି ତାଙ୍କ ବାଲ୍ୟଜୀବନର ଗୋଟିଏ ଚମକପ୍ରଦ ଘଟଣାରୁ ପୁରୁଖା ଲୋକେ ବହୁ ଆଗରୁ ଅନୁମାନ କରିସାରିଥିଲେ ।

ଏହି ଘଟଣାଟି ଘଟିଥିଲା ୧୮୪୮ ମସିହାର ଶେଷପାଦରେ । ସେତେବେଳେ ମଧୁସୂଦନ ମାତ୍ର ୫।୬ ମାସର ଶିଶୁ ଥିଲେ । ସେହି ଅଦ୍ଭୁତ ଦୃଶ୍ୟ କଳ୍ପନା କଲେ ଏବେ ବି ଆମ ଲୋମ ଟାଙ୍କୁରି ଉଠିବ !

---

* 'ଦେଶପ୍ରାଣ ମଧୁସୂଦନ' ପୁସ୍ତକର ପୃ. ୧୧୧ ଦ୍ରଷ୍ଟବ୍ୟ ।

Digitized by srujanika@gmail.com

ସେଇ ଦିନର ଘଟଣା—।

ଶୀତୁଆ ସକାଳର କୋମଳ ସୂର୍ଯ୍ୟ କିରଣରେ ରାଉତଧୂଆ ରଘୁନାଥ ଦାସଙ୍କର ଗୃହପ୍ରାଙ୍ଗଣ ଉଦ୍‌ଭାସିତ ହୋଇ ଉଠିଥାଏ । ମାତା ପାର୍ବତୀ ଦେବୀ ଶିଶୁପୁତ୍ର ମଧୁସୂଦନଙ୍କୁ ନେଇ ସେଇ କଅଁଳିଆ ଖରାରେ ଶୁଆଇଦେଲେ ଶୀତୁଆ ସକାଳଟାରେ ଛୁଆଟା ଟିକିଏ ଉଷୁମ ପାଇବ ବୋଲି । ଏଇଟା ଗାଁ ଗହଳରେ ଗୋଟାଏ ନିତାନ୍ତ ସ୍ୱାଭାବିକ କଥା ।

କିନ୍ତୁ··· ମାତ୍ର କେଇଟା ମୁହୂର୍ତ୍ତ ପରେ ସେ ଯେଉଁ ଦୃଶ୍ୟ ଦେଖିଲେ, ତାଙ୍କର ମଥା ଘୂରିଗଲା—ହୃତ୍‌ସ୍ପନ୍ଦନ ବଢ଼ିଗଲା । ଶିଶୁଟିର ମଥା ପାଖରେ ଗୋଟାଏ ନାଗସାପ ଫଣା ଟେକି ଖେଳୁଛି ।

ଆସନ୍ନ ବିପଦ ଆଶଙ୍କାରେ ପାର୍ବତୀ ଦେବୀ ବିହ୍ୱଳା ହୋଇଉଠିଲେ । ତାଙ୍କ ଦେହରୁ ସମସ୍ତ ବଳ ଚାଲିଗଲା । ଯଦି କିଲେ ସାପଟି ଛୁଆ ଦେହରେ ଗୋଟେ ମାରି ଦେଇଦିଏ ! ଉଦ୍ଧାରି ଦେବାର ବି ଉପାୟ ନାହିଁ । ସେ ନୀରବରେ ଭଗବାନଙ୍କୁ ଆକୁଳ ପ୍ରାର୍ଥନା କରିବା ଛଡ଼ା ଅନ୍ୟ ଗତି ନ ଥିଲା ।

ମାତ୍ର ପରମୁହୂର୍ତ୍ତରେ ସେ ଦେଖିଲେ—ସାପଟି ଛୁଆର କିଛି କ୍ଷତି ନ କରି ଧୀରେ ଧୀରେ ନିଜ ରାସ୍ତାରେ ଚାଲିଗଲା । ବୋଧହୁଏ, ସ୍ୱୟଂ ଭଗବାନ ପାର୍ବତୀ ଦେବୀଙ୍କ ପ୍ରାର୍ଥନା ଶୁଣିଥିଲେ ।

ଇତିହାସ କହେ, ଓଡ଼ିଶାର ଭୂତପୂର୍ବ ଗଜପତି କପିଳେନ୍ଦ୍ର-ଦେବଙ୍କ ବାଲ୍ୟଜୀବନରେ ଏହିପରି ଗୋଟିଏ ଘଟଣା ଘଟିଥିଲା । ଆଉ, ତାହା ଫଳରେ ସେ ଏକ ଦରିଦ୍ର ପରିବାରର ଶିଶୁ ଥାଇ ମଧ୍ୟ ଉତ୍କଳର ରାଜସିଂହାସନ ଲାଭ କରିଥିଲେ । ଇତିହାସର ଏହି

ଘଟଣା ସ୍ମରଣ କରି ସେତେବେଳ ସତ୍ୟଭାମାପୁର ଗ୍ରାମର ପ୍ରବୀଣ ଲୋକେ କହିଥିଲେ—ଏଇ ଶିଶୁ ବଡ଼ ହେଲେ ନିଶ୍ଚୟ ରାଜସମ୍ମାନ ପାଇବ !

●

ସତ୍ୟଭାମାପୁରରେ 'ଶତାବ୍ଦୀର ସୂର୍ଯ୍ୟ'

କଟକ ମହାନଗରୀର ଉତ୍ତର-ପୂର୍ବ ଦିଗରେ ପ୍ରାୟ କୋଡ଼ିଏ କିଲୋମିଟର ଦୂରରେ ଏହି ସତ୍ୟଭାମାପୁର ଗ୍ରାମ ବିରାଜମାନ । ସୂର୍ଯ୍ୟବଂଶୀ ସମ୍ରାଟ ପୁରୁଷୋତ୍ତମ ଦେବଙ୍କ ରାଣୀ ସତ୍ୟଭାମା ଦେବୀଙ୍କ ନାମାନୁସାରେ ଏହି ଗ୍ରାମର ନାମ ରଖାଯାଇଥିଲା ସତ୍ୟଭାମାପୁର । ଉତ୍କଳର ଚଳନ୍ତି ବିଷ୍ଣୁ ପ୍ରତିମାଙ୍କର ପଟ୍ଟମହିଷୀ ସ୍ୱୟଂ ସତ୍ୟଭାମା ଦେବୀ ଏହି ଗ୍ରାମରେ ଗୋଟିଏ ମଠର ନିର୍ମାଣ କରାଇ ଦଧିବାମନ ମୂର୍ତ୍ତି ସ୍ଥାପନା କରିଥିଲେ । ଇତିହାସର ସାକ୍ଷ୍ୟ ସ୍ୱରୂପ ଏହି ଦଧିବାମନ ମଠର ଅଦ୍ୟାପି ଶତ ସଂଖ୍ୟକ ଭକ୍ତଙ୍କର ସମାଗମ ପୀଠ ହୋଇ ରହିଛି ।

ଏହି ସତ୍ୟଭାମାପୁର ଥିଲା ବାରିଷ୍ଟର ମଧୁସୂଦନଙ୍କର ଜନ୍ମସ୍ଥଳୀ । ଜନୈକ ସମାଲୋଚକ ଯଥାର୍ଥରେ ମତ ବ୍ୟକ୍ତ କରିଛନ୍ତି—

"ବହୁ ଐତିହାସିକ ସ୍ମୃତି ଚିହ୍ନିତ ଏହି ଭୂମିରେ ଜନ୍ମଲାଭ କରି ମଧୁସୂଦନ ଯେପରି ଓଡ଼ିଶା ଇତିହାସର ସେହି ଗୌରବମୟ ମୂହୂର୍ତ୍ତଗୁଡ଼ିକରୁ ନିଃଶ୍ୱାସ ପ୍ରଶ୍ୱାସରେ ଗ୍ରହଣ କରୁଥିଲେ ।"

Digitized by srujanika@gmail.com

ଆଜକୁ ଶତାବ୍ଦ ତଉଣ ବର୍ଷ ତଳର କଥା ।

୧୮୪୮ ମସିହା ଏପ୍ରିଲ ୨୮ ତାରିଖରେ ଚଉଧୁରୀ ରଘୁନାଥ ଦାସଙ୍କ ପରିବାରର ପ୍ରଥମ ପୁତ୍ର ସନ୍ତାନରୂପେ ମନସ୍ୱୀ ମଧୁସୂଦନଙ୍କର ଆବିର୍ଭାବରେ ସାରା ପରିବାରରେ ଖେଳଯାଇଥିଲା ଏକ ଆନନ୍ଦ-ଉଲ୍ଲାସକର ହର୍ଷୋତ୍‌ଫୁଲ୍ଲ ବାତାବରଣ । ସତେ ଯେପରି ସେ ଥିଲେ 'ଶତାବ୍ଦୀ-ସୂର୍ଯ୍ୟ'ର ପ୍ରତୀକ ।

କୁମୁଦ ଦେଈ ଓ ଦୁର୍ଗା ଦେଈ ଥିଲେ ତାଙ୍କର ଜ୍ୟେଷ୍ଠା ଓ କନିଷ୍ଠା ଦୁଇ ଭଗିନୀ, ଆଉ, ମାତ୍ର ଜଣେ ଅନୁଜ ଭ୍ରାତା ଗୋପାଳବଲ୍ଲଭ । ଏକ ସମ୍ଭ୍ରାନ୍ତ ଜମିଦାର ପରିବାରର ଜ୍ୟେଷ୍ଠପୁତ୍ର ମଧୁସୂଦନ ବଢ଼ିଥିଲେ ଏକ ସ୍ନେହ ଆଦରଭରା ଗେଲବସରିଆ ପରିବେଶରେ । ତାଙ୍କର ବାଲ୍ୟଜୀବନ ଥିଲା ଖୁବ୍ ଆନନ୍ଦମୟ: ଭୋଗବିଳାସ ପରିପୂର୍ଣ୍ଣ ।

ମଧୁସୂଦନଙ୍କର ଜନ୍ମକୋଷ୍ଠୀ ପରୀକ୍ଷା କରି ଜ୍ୟୋତିର୍ବିଦ୍ ପଣ୍ଡିତ ବାମନ ଚନ୍ଦ୍ର ଆଚାର୍ଯ୍ୟ ନିର୍ଣ୍ଣୟ କରିଛନ୍ତି—"କେବଳ ପଞ୍ଚମରେ ଶନି ଓ ମଙ୍ଗଳ ଯୁକ୍ତ ହୋଇଥିବାରୁ ସୁସନ୍ତାନ ଲାଭ ଯୋଗ ନାହିଁ......ସନ୍ତାନ ଲାଭ ଯୋଗ ନ ଥିଲେ ମଧ୍ୟ ବହୁ ସନ୍ତାନର ପିତା ଯୋଗ ।"

ବାସ୍ତବରେ, ମଧୁସୂଦନ ଅପୁତ୍ରିକ ହେଲେହେଁ ଥିଲେ ଲକ୍ଷ ଲକ୍ଷ ଉତ୍କଳୀୟ ସନ୍ତାନଙ୍କର ପିତୃପ୍ରତିମ ।

Digitized by srujanika@gmail.com

ପରିବେଶର ଉତ୍ତରାଧିକାରୀ

କୁଳୀନ ମଧୁସୂଦନଙ୍କର ବଂଶ ପରଂପରା ଆମର ଗରିମାମୟ ଅତୀତ ଓ ଗୌରବୋଜ୍ଜ୍ୱଳ ଇତିହାସର ବଳିଷ୍ଠ ସ୍ୱାକ୍ଷର ବହନ କରେ । ଅବଶ୍ୟ ମଧୁବାବୁଙ୍କ ଜନ୍ମବେଳକୁ ସୁବର୍ଣ୍ଣଭରା ମଞ୍ଜୁଷାର କର୍ପୂର ଉଡ଼ିଯାଇ କେବଳ କନା ଖଣ୍ଡିକ ପଡ଼ିଥିଲା । ତଥାପି ସେ କନାରୁ ପୂରା ଝଡ଼ିଯାଇ ନଥିଲା କର୍ପୂରର ଗନ୍ଧ ।

ଏକ ସମ୍ଭ୍ରାନ୍ତ ଜମିଦାର ବଂଶରେ ଦାୟାଦ ରୂପେ ତାଙ୍କ ଘରେ ଯେଉଁ ଅତୁଳନୀୟ ଧନ ସମ୍ପତ୍ତି ଥିବା କଥା, ତାହା ନଥିଲା ସିନା ଜମିଦାର ବଂଶର ପୂର୍ବ ସୁଖ୍ୟାତି ଅକ୍ଷୁଣ୍ଣ ରହିଥିଲା । ଶିଶୁ ମଧୁସୂଦନ ନିଜ ଆଖିରେ ଦେଖି ନଥିଲେ ମଧ୍ୟ ଯେଉଁମାନେ ଦେଖିଥିଲେ ତାଙ୍କ ମୁହଁରୁ ଶୁଣିଥିଲେ ଯେ ନିଜ ପିତାମହ ଭଜନାନନ୍ଦଙ୍କ ସମୟରେ ତାଙ୍କ ଦୁଆରେ କଂସାର କବାଟ ଲାଗିଥିଲା । ସେ ଆହୁରି ଶୁଣିଥିଲେ ଯେ ତାଙ୍କ ପ୍ରପିତାମହୀ କୃଷ୍ଣା ଦେଇ ସତୀତ୍ୱର ଚରମ ପରାକାଷ୍ଠା ପ୍ରଦର୍ଶନ କରିବାକୁ ଯାଇ ନିଜ ସ୍ୱାମୀଙ୍କର ଚିତାନଳରେ ଆତ୍ମ-ବିସର୍ଜନ କରିଥିଲେ ।

ପ୍ରପିତାମହୀଙ୍କର ଏହି ଆତ୍ମାହୁତି ଦୃଶ୍ୟ ମଧୁବାବୁଙ୍କର ପିତାମହୀ ସ୍ୱଚକ୍ଷୁରେ ଦେଖିଥିଲେ ଏବଂ ତାଙ୍କଠୁଁ ସେ ସେହି ଦୃଶ୍ୟର ଠିକଣାଟି ବର୍ଣ୍ଣନା ଶୁଣିଥିଲେ । ସତୀର ଆତ୍ମାହୁତି କାହାଣୀ ତାଙ୍କ ପ୍ରାଣରେ ଆଣିଦେଇଥିଲା ଏକ ଅଦ୍ଭୁତପୂର୍ବ ଆଲୋଡ଼ନ । ତାହା ତାଙ୍କ ତରଳ କୋମଳ ମନରେ ଗଭୀର ରେଖାପାତ କରିଥିଲା ।

Digitized by srujanika@gmail.com

'ସତୀ ରକ୍ତର ଉତ୍ତରାଧିକାର ଓ ତାହାର ପ୍ରେରଣା' ଶୀର୍ଷକ ରଚନାରେ ମଧୁସୂଦନ ସେହି ଦୃଶ୍ୟର ଅବତାରଣା କରିଛନ୍ତି ଏହି ଭାଷାରେ —

"ସତୀ ଶଚୀ ସ୍ୱାମୀପାଖରେ ତିନିଥର ବୁଲି ଆସିଲେ, ପ୍ରଣାମ କଲେ ଏବଂ ଚିତା ଉପରକୁ ଯାଇ ଫୁଲମାଳ ତାଙ୍କ ସ୍ୱାମୀଙ୍କ ଗଳାରେ ପିନ୍ଧାଇ ଦେଲେ । ସେ ତାଙ୍କ ସ୍ୱାମୀଙ୍କ ପାଦ ପାଖରେ ହାତ ଯୋଡ଼ି ବସି ରହିଲେ ଏବଂ ଚିତାରେ ନିଆଁ ଲଗାଇବା ପାଇଁ ଆଦେଶ ଦେଲେ ।"

ଜଣେ ଅଗ୍ନିହୋତ୍ରୀ ବ୍ରାହ୍ମଣ ସେହି ଚିତାରେ ଅଗ୍ନିସଂଯୋଗ କରିଥିଲେ । ସେହି ଚିତାଗ୍ନି ତାହାର ହୁତ୍ ହୁତ୍ ଜିଭ ଉଠି ସତୀ ଶିରୋମଣି କୃଷ୍ଣା ଦେଈଙ୍କର ଜୀବନ୍ତ ଶରୀରକୁ କେତୋଟି ମୁହୂର୍ତ୍ତ ଭିତରେ ଭସ୍ମୀଭୂତ କରିଦେଇଥିଲା, ତାହା କଳ୍ପନା କଲେ ଏବେ ବି ଆମର ଦେହ ଶୀତେଇ ଯାଉଛି, ଲୋମ ଟାଙ୍କୁରି ଉଠୁଛି । ସେତେବେଳେ ସେହି ଦୃଶ୍ୟ ଦେଖିଥିବା ଲୋକେ ଅନୁଭବ କରିଥିଲେ ଯେ ସତେ ଯେପରି ସେହି ଦୁଇଜଣଙ୍କର ମରଶରୀର ଭସ୍ମୀଭୂତ ହେବା ଭିତରେ ତାଙ୍କର ଦୁଇଟି ଆତ୍ମାର ପୁନର୍ବିବାହ ସମ୍ପନ୍ନ ହେଉଛି !

ଯାହାର ଧମନୀରେ ଏହି ସତୀ ରକ୍ତ ପ୍ରବାହିତ, ସେହି ସନ୍ତାନ ସତ୍ୟପଥରୁ ବିଚଳିତ ହେବା କେତେ ସହଜରେ ସମ୍ଭବ ? ଏ ପ୍ରସଙ୍ଗରେ ସ୍ୱୟଂ ମଧୁସୂଦନଙ୍କର ଉକ୍ତି ହେଉଛି—

"ସତୀରକ୍ତ ମୋର ଧମନୀରେ ଯେ ପ୍ରବାହିତ, ଏ ଧାରଣା ମୋ ହୃଦୟରେ ଦୃଢ଼ୀଭୂତ ହୋଇଥିଲା । ମୋର ପରିଣତ ବୟସରେ ମୁଁ କୌଣସି ପ୍ରକାର ବ୍ୟକ୍ତିଗତ କ୍ଷତି ଅଥବା ବିପଦର

Digitized by srujanika@gmail.com

ଆଶଙ୍କାରେ କର୍ତ୍ତବ୍ୟ ପଥରୁ ବିଚ୍ୟୁତ ହୋଇ ସମ୍ପର୍କର ସେହି ଔଚିତ୍ୟକୁ କଳଙ୍କିତ ନ କରିବା ପାଇଁ ମୁଁ ଏହାକୁ ପବିତ୍ର କର୍ତ୍ତବ୍ୟ ରୂପେ ବିବେଚନା କରୁଥିଲି ।”

ଦେଶପ୍ରାଣ ମଧୁସୂଦନଙ୍କର ଏହି ଔଚିତ୍ୟପ୍ରୀତି ଯେତେ ବାଧା, ବିଘ୍ନ, ପ୍ରତିବନ୍ଧକ ଓ ପ୍ରଲୋଭନ ଆସୁନା କାହିଁକି, ଥିଲା ଅତି ଉଚ୍ଚକୋଟୀର । ଜାତୀୟ ସମ୍ମାନ ଓ ଆତ୍ମମର୍ଯ୍ୟାଦାକୁ କେବେହେଲେ କ୍ଷୁଣ୍ଣ ହେବା ପାଇଁ ସେ ସୁଯୋଗ ଦେଉ ନଥିଲେ ।

ଜାତୀୟ ଗୌରବର ପ୍ରତୀକ 'ଉତ୍କଳ ଟାନେରୀ'

“ଆପଣେ ହସି, ଆପଣା ମହତ ଆପେ ରଖି”—ଏହି ନୀତି ଥିଲା ମଧୁସୂଦନଙ୍କ ଜାତୀୟ ଚେତନାର ମୂଳ ଉତ୍ସ । ତାଙ୍କର ସ୍ୱଦେଶୀ ଜୋତା କାରଖାନା 'ଉତ୍କଳ ଟାନେରୀ'ର ପ୍ରତିଷ୍ଠା ଓ ପରିଚାଳନା ମୂଳରେ ମଧ୍ୟ ଏହି ନୀତି ବଳବତ୍ତର ଥିଲା । ଯାହା ହେଉ ପଛେ, ଜାତିର ମହତ ପଦାରେ ନ ପଡ଼ୁ; ଏହା ଭାବି ମଧୁବାବୁ ଟିକିଏ ଖୁଣ ଦେଖିଲେ 'ଉତ୍କଳ ଟାନେରୀ'ର ହଜାର ହଜାର ଟଙ୍କାର ଜୋତାରେ ନିଆଁ ଲଗାଇ ପୋଡ଼ି ପକାଉଥିଲେ ।

କଟକର ! ଗୃହଳଅ ଗଞ୍ଜ (ବର୍ତ୍ତମାନର ନୂଆବଜାର) ଅଞ୍ଚଳରେ ପ୍ରାୟ ୪୦ ଏକର ଜମି ଉପରେ ମୁଣ୍ଡ଼ଟେକି ଛିଡ଼ାଥିଲା ମଧୁବାବୁଙ୍କର ବିଲ୍ଡିଂମାନ, ତାଙ୍କ ପ୍ରୀତି ଓ ସ୍ୱପ୍ନର ନାନା

ସୁପ୍ରତିଷ୍ଠିତ ଏହି 'ଉତ୍କଳ ଟାନେରି' । ଦୀର୍ଘ ତିନି ଦଶନ୍ଧି କାଳ ଧରି ଏହି ଟାନେରି ଭାରତରେ ଓ ଭାରତ ବାହାରେ ଉତ୍କଳୀୟ ଶିଳ୍ପୋତ୍କର୍ଷର ପ୍ରତିନିଧିତ୍ୱ କରିଥିଲା ।

'ଉତ୍କଳ ଟାନେରି' ପ୍ରଥମେ ଏକ ଯୌଥ ଉଦ୍ୟୋଗ ବା କମ୍ପାନୀରୂପେ ଜନ୍ମଲାଭ କରିଥିଲା । ତଥାପି ମଧୁବାବୁ ଥିଲେ ତାର ହର୍ତ୍ତାକର୍ତ୍ତା ବିଧାତା ସବୁ କିଛି । କିନ୍ତୁ ସେ ୧୯୨୧ ମସିହାରେ ବିହାର-ଓଡ଼ିଶା ପ୍ରଦେଶର ମନ୍ତ୍ରୀ ହେବାପରେ ତାକୁ ଏକ ପବ୍ଲିକ ଲିମିଟେଡ୍ କମ୍ପାନୀରେ ପରିଣତ କରାଇଥିଲେ ।

ଏହି ଟାନେରିର ଉନ୍ନତି ତଥା ଶ୍ରମିକମାନଙ୍କର କଲ୍ୟାଣ ସାଧନ ଉଦ୍ଦେଶ୍ୟରେ ମଧୁବାବୁ ବହୁ ଟଙ୍କା କରଜ କରିଥିଲେ । କେବଳ କଲିକତାର 'କକ୍ସ ଆଣ୍ଡ କୋଃ'ରୁ ସେ ପ୍ରାୟ ଦୁଇଲକ୍ଷ ଟଙ୍କା ଋଣ ଆଣିଥିଲେ । ୯୨୧ ମସିହାରେ କମ୍ପାନୀ ପାଇଁ ଅଂଶ ସଂଗ୍ରହ ଆରମ୍ଭ ହେଲାପରେ ୧୯୨୬ ବେଳକୁ ପ୍ରାୟ ୧ ଲକ୍ଷ ୧୪ ହଜାର ଟଙ୍କା ଆଦାୟ ହୋଇଥିଲା ଓ ଋଣରେ କିୟଦଂଶ ପରିଶୋଧ କରାଯାଇ ପାରିଥିଲା । ତଥାପି ମଧୁସୂଦନ ସମ୍ପୂର୍ଣ୍ଣ ଋଣମୁକ୍ତ ହୋଇପାରି ନ ଥିଲେ । ତାଙ୍କୁ ଓ ତାଙ୍କ କାରଖାନାକୁ ଅଭାବ ଘାରି ରହିଥିଲା ।

ସେହି ଅବସ୍ଥାରେ ବିଲାତର 'ହ୍ୱାଇଟ୍ ଓ୍ୱେ କମ୍ପାନୀ'ର ମ୍ୟାନେଜର ମିଷ୍ଟର୍ ସ୍କଟ୍‌ଲଣ୍ଡ ତାଙ୍କ କମ୍ପାନୀ ସହିତ 'ଉତ୍କଳ ଟାନେରି'ର ସମ୍ପର୍କ ସ୍ଥାପନ କରିବାକୁ ଆଗେଇ ଆସିଥିଲେ । ସେ ତାଙ୍କ କମ୍ପାନୀ ନାମରେ ଏଠାରେ ଜୋତା ତିଆରି କରି ବିଲାତକୁ ପଠାଇବା ପାଇଁ ମଧୁବାବୁଙ୍କୁ ଅନୁରୋଧ କରିଥିଲେ । ଏଥିପାଇଁ 'ଉତ୍କଳ ଟାନେରି'ର ସୁନାମ (ବା ଗୁଡ୍ ଓ୍ୱିଲ୍) ବାବଦରେ

Digitized by srujanika@gmail.com

ନଗଦ ଚଉଶ ହଜାର ଟଙ୍କା ଦେବା ପାଇଁ ବି ଷ୍ଟଟଲଣ୍ଡ ସାହେବ ରାଜି ହୋଇଥିଲେ ।

କିନ୍ତୁ ଷ୍ଟଟଲଣ୍ଡ ସାହେବଙ୍କର ସେ ପ୍ରସ୍ତାବରେ ରାଜି ହୋଇ ନ ଥିଲେ ମଧୁବାବୁ । ସେତେବେଳେ ଟାନେଷ୍ଟର ମ୍ୟାନେଜର ଅଚ୍ୟୁତାନନ୍ଦ ମିଶ୍ର ତାଙ୍କୁ କ୍ଷୁବ୍ଧ ମନରେ ପ୍ରଶ୍ନ କରିଥିଲେ—"ଆପଣ ଏ ସୁଯୋଗ ହରାଇଲେ କାହିଁକି ?"

ତାର ଉତ୍ତରରେ ମଧୁବାବୁ କହିଥିଲେ—"ମଧୁସୂଦନ ଟଙ୍କା ଲୋଭରେ ଓଡ଼ିଆ ଜାତିର ମାନ ମହତ ଇଂରେଜ କମ୍ପାନୀ ପାଖରେ ବିକି ଦେବନାହିଁ ।"

ତାଙ୍କର ଏ ପ୍ରକାର ଜିଦ୍‌ଖୋର ମନୋବୃତ୍ତି ଯୋଗୁଁ ହିଁ ସେ ଦେବାଳିଆ ହୋଇଯାଇଥିଲେ । ଜୋତା କାରଖାନା ବେଶୀ ଦିନ ତିଷ୍ଠିପାରି ନ ଥିଲା । ଏଥିପାଇଁ କେତେକ ଲୋକେ କହୁଥିଲେ— ମଧୁବାବୁ ଖାଲି ଆଦର୍ଶରେ ତନ୍ମୟ ହୋଇପଡ଼ିଥିଲେ ସିନା ବ୍ୟବସାୟିକ ଚତୁରତା ଶିଖିପାରିଲେ ନାହିଁ ।

କିନ୍ତୁ, ଏହି ଆଦର୍ଶ ପାଇଁ ହିଁ ତାଙ୍କ ଜୋତା କାରଖାନାର ଏତେ ଖ୍ୟାତି, ଏତେ ସୁନାମ ! ଏଥିପାଇଁ ତ କ୍ଷୁଦ୍ର ଓଡ଼ିଶାର ଗୋଟାଏ ସାମାନ୍ୟ ଜୋତା କାରଖାନା କଲିକତା ପ୍ରଦର୍ଶନୀରେ ସ୍ୱର୍ଣ୍ଣପଦକ ପାଇବାଠାରୁ ବିଦେଶର କମ୍ପାନୀମାନଙ୍କୁ ଆକୃଷ୍ଟ କରିବାଯାଏ ଗଲା !

ତତ୍କାଳୀନ ଉତ୍କଳର ଜ୍ଞାନ-ପ୍ରଦୀପ 'ଉତ୍କଳ-ଦୀପିକା' ୧୯୦୩ ମସିହା ସେପ୍ଟେମ୍ବର ୨୬ ତାରିଖର ସମ୍ପାଦକୀୟରେ ଉଲ୍ଲେଖ କରିଥିଲା—

Digitized by srujanika@gmail.com

"ଜଣେ ଓଡ଼ିଆ ପୁଅ ଗୋଟାଏ ବ୍ୟବସାୟରେ ହାତ ଦେଇ ଭୂମିଗତ ଶିଳ୍ପ ରାଜ୍ୟରେ ଓଡ଼ିଶାର ଯେ ସୁଖ୍ୟାତି ସ୍ଥାନେ କରିଛନ୍ତି, ସେଥି ସକାଶେ ଆମ୍ଭେମାନେ ଗର୍ବ ଅନୁଭବ କରୁଁ ।"

୧୯୨୫ ମସିହା ଅଗଷ୍ଟ ମାସ ୧୯ ତାରିଖରେ ମହାତ୍ମା ଗାନ୍ଧୀ ଏହି କାରଖାନା ପରିଦର୍ଶନ କରିଥିଲେ । ଉତ୍କଳ ଟାନେରୀର ଉନ୍ନତି ସେ ସର୍ବାନ୍ତକରଣେ ଚାହିଁଥିଲେ । ତେଣୁ ତାହାକୁ ଋଣଗ୍ରସ୍ତ ଅବସ୍ଥାରୁ ଉଦ୍ଧାର କରିବା ଉଦ୍ଦେଶ୍ୟରେ ଘନଶ୍ୟାମ ଦାସ ବିରଳାଙ୍କ ନିକଟକୁ ଏକ ପତ୍ର ଲେଖି ମଧ୍ୟ ଅନୁରୋଧ କରିଥିଲେ । ଏହି କାରଖାନାରେ ଉଚ୍ଚ ନୀଚ, ସବର୍ଣ୍ଣ ଅସବର୍ଣ୍ଣ ସବୁ ଜାତି ଓ ସମ୍ପ୍ରଦାୟର ଲୋକେ ଏକତ୍ର କାର୍ଯ୍ୟ କରୁଥିବାରୁ ସେତେବେଳେ ମହାତ୍ମାଜୀ ବିଶେଷ ଆନନ୍ଦ ପ୍ରକାଶ କରିଥିଲେ ।

●

ଓଡ଼ିଶା—
ସଫଳତାର ଚାବିକାଠି

ଗୋଟାଏ କିଛି ଭଲ କାମ କରିଦେଇ ଅନେକ ଲୋକେ ଖୁବ୍ ବଡ଼ ହୋଇପାରିଛନ୍ତି; ସୁନାମ ଅର୍ଜନ କରିଛନ୍ତି ଓ ଇତିହାସରେ ଅମର ହୋଇ ରହିଛନ୍ତି । ମଧୁବାବୁ ଆଉ କିଛି ନ କରିଥିଲେ ମଧ୍ୟ ତାଙ୍କର 'ଉତ୍କଳ ଟାନେରୀ' ପାଇଁ ଚିର ସ୍ମରଣୀୟ ହୋଇ ରହିଥାନ୍ତେ !

କିନ୍ତୁ, ତାଙ୍କଠାରେ ଭଗବାନଙ୍କର ବଡ଼ ଆସ୍ଥା ଥିଲା । ତେଣୁ ସେ ତାଙ୍କ ଉପରେ ଢାଳି ଦେଇଥିଲେ ଅନେକ କରୁଣା ।

Digitized by srujanika@gmail.com

ବୋଧହୁଏ ନିଜ ସୃଷ୍ଟିର ଶ୍ରେଷ୍ଠ ସନ୍ତକ ଭଳି ତାଙ୍କ ହାତରେ ସମର୍ପି ଦେଇଥିଲେ ସଫଳତାର ଏକ କାଞ୍ଚନ କାଠି—ଯେଉଁଥିରେ ତା'ର ସ୍ପର୍ଶ ଲାଗିଲା, ସାର୍ଥକତାର ସ୍ୱାକ୍ଷର ବହନ କଲା । ସେ ଯେଉଁଥିରେ ହାତ ଦେଲେ, କୃତକାର୍ଯ୍ୟ ହେଲେ । ତାଙ୍କ ଓକିଲାତି ଥିଲା ଏହିଭଳି ସଫଳତାର ଏକ ସୁପରୀକ୍ଷିତ କ୍ଷେତ୍ର ।

ମଧୁବାବୁ କଲିକତାରୁ ଫେରି ୧୮୮୭ ମସିହାରେ ପ୍ରଥମେ ଓକିଲାତି ଆରମ୍ଭ କଲେ । ସେତେବେଳର କଟକ ଓକିଲଖାନାରେ ସେ ଥିଲେ ଜଣେ ମାତ୍ର ଓଡ଼ିଆ ଓକିଲ । ପ୍ରଥମାବସ୍ଥାରେ ସେହି ଓକିଲଖାନାର ଅନ୍ୟ ପ୍ରତିବେଶୀ ଆଇନଜୀବୀଗଣ ତାଙ୍କୁ ସେଠାରେ ବସିବା ପାଇଁ ବି ଜାଗା ଦେଇ ନ ଥିଲେ । ପ୍ରବାଦ ରହିଛି—ସ୍ୱଜାତି ଦରଦ୍ରମିକା । ଜଣେ ଆଇନ ବ୍ୟବସାୟୀ ଆଉ ଜଣଙ୍କୁ ଦେଖିପାରୁଛି କେତେବେଳେ !

କିନ୍ତୁ ବର୍ଷ କେତୋଟା ଭିତରେ ମଧୁ ବାରିଷ୍ଟରଙ୍କ ନାଁ ଦେଶସାରା ଚହଳ ପକାଇଦେଲା । ବଙ୍ଗ ପ୍ରଦେଶର ଲାଟ ସାହେବ ଓ ପୁରୀ ଗଜପତିଙ୍କ ମଧ୍ୟରେ ଲାଗିଥିବା ମକଦ୍ଦମାରେ ମଧୁବାବୁ ଗଜପତିଙ୍କ ସପକ୍ଷରେ ଲଢ଼ି ତାଙ୍କୁ ବଂଶ ପରମ୍ପରାନୁକ୍ରମେ ପୁରୀ ମନ୍ଦିରର ପରିଚାଳକରୂପେ ସ୍ୱୀକୃତ ଦିଆଇଲେ ଏବଂ ସରକାର ଭବିଷ୍ୟତରେ ଏପରି ମକଦ୍ଦମା କରିପାରିବେ ନାହିଁ ବୋଲି ସର୍ତ୍ତ କରାଇନେଲେ ।

ତତ୍କାଳୀନ ଖଣ୍ଡପଡ଼ା ରାଜା ନଟବର ପ୍ରତାପ ସିଂ. ନୂଆପଡ଼ା ମେଳରେ ସାତଜଣଙ୍କୁ ହତ୍ୟା କରିଥିବା ଅଭିଯୋଗରେ ଦ୍ୱୀପାନ୍ତର ଦଣ୍ଡାଦେଶ ପାଇଥିଲେ । ମଧୁବାବୁ ରାଜାଙ୍କ ପକ୍ଷରୁ ହାଇକୋର୍ଟରେ ଲଢ଼ି ତାଙ୍କୁ ସମ୍ପୂର୍ଣ୍ଣ ଦୋଷମୁକ୍ତ କରାଇଥିଲେ ।

Digitized by srujanika@gmail.com

ମଧୁବାବୁଙ୍କ ଓକିଲତି ଜୀବନରେ ସବୁଠୁଁ ଚିତ୍ତାକର୍ଷକ ଘଟଣା ହେଉଛି—ମାନସିଂପାଟଣା ଡକାୟତି ମକଦ୍ଦମା । ୧୯୦୨ ମସିହାର କଥା । ସେହି ବର୍ଷ ମାନସିଂପାଟଣାରେ ଏକ ବଡ଼ ଧରଣର ଡକାୟତି ହୋଇଯାଇଥିଲା । ପୋଲିସ ସେହି ମାନସିଂପାଟଣାର 'ଦାମା' ଓ 'ରଙ୍ଗା' ନାମକ ଦୁଇଜଣ ନିରୀହ ବ୍ୟକ୍ତିଙ୍କୁ ଅଭିଯୁକ୍ତ କରିଥିଲେ ଓ ସେମାନଙ୍କୁ ଦ୍ୱୀପାନ୍ତର ଦଣ୍ଡାଦେଶ ହୋଇଯାଇଥିଲା ।

କେବଳ ଏତିକି ନୁହେଁ, ଏହି ମକଦ୍ଦମାର ସୁଯୋଗ ନେଇ ଆଗରୁ ମଧୁବାବୁଙ୍କ ଉପରେ ରୁଷ୍ଟ ହୋଇଥିବା ସମ୍ପୃକ୍ତ ପୋଲିସ ହାକିମ ଏକ ଗୁପ୍ତ ରିପୋର୍ଟ ପଠାଇ ଦେଇଥିଲେ ଯେ, ମାନସିଂପାଟଣାରୁ ଚୋରି ହୋଇଥିବା ସମସ୍ତ ଅଳଙ୍କାରପତ୍ର ମଧୁସୂଦନ ଦାସଙ୍କ 'ଉତ୍କଳ ଆର୍ଟ ୱେୟାର କାରଖାନା'ରେ ତରଳାଇ ଦିଆଯାଇଥିବାରୁ ଚୋରି ପଦାର୍ଥର ପତ୍ତା ମିଳୁନାହିଁ ।

ଦ୍ୱନ୍ଦ୍ୱା ମଧ୍ୟରେ ଏହି କୁଳୀନ ସର୍ଜନା ସେତେବେଳେ ଏକ ସାମୟିକ ଶୃଙ୍ଖଳ୍ୟ ଖେଳାଇ ଦେଇଥିଲା । କିନ୍ତୁ ତାର ଅଳ୍ପଦିନ ପରେ ମାନସିଂପାଟଣା ଡକାୟତି ଘଟଣାରେ ଜଡ଼ିତ ପ୍ରକୃତ ଡକାୟତ ଦଳକୁ ଅନ୍ୟ ଏକ ଘଟଣାରେ କଲିକତା ପୋଲିସ ଗିରଫ କରିଥିଲେ । ଆଉ, ସେହି ସମ୍ବାଦ ପାଇଲାକ୍ଷଣି ବାରିଷ୍ଟର ମଧୁସୂଦନ ବଙ୍ଗ ଗଭର୍ଣ୍ଣରଙ୍କ ନିକଟକୁ ଦରଖାସ୍ତ କରି ଅକାରଣରେ ଦଣ୍ଡ ଭୋଗ କରୁଥିବା 'ଦାମା' ଓ 'ରଙ୍ଗା'କୁ ଦ୍ୱୀପାନ୍ତରରୁ ଫେରାଇ ଆଣିଥିଲେ ।

ଏହି ଘଟଣା ପରେ ଈର୍ଷାପରାୟଣ ପୋଲିସ କର୍ମଚାରୀଙ୍କ ମିଥ୍ୟା ରିପୋର୍ଟ ପାଇଁ ସରକାରଙ୍କ ପକ୍ଷରୁ ମଧୁବାବୁଙ୍କୁ କ୍ଷମାପ୍ରାର୍ଥନା କରାଯାଇଥିଲା ଏବଂ ତାଙ୍କ ଉପରେ ସରକାରଙ୍କର ଆସ୍ଥା ରହିଛି ବୋଲି ପ୍ରତିଶ୍ରୁତି ଦିଆଯାଇଥିଲା । ସମ୍ପୃକ୍ତ ପୋଲିସ କର୍ମଚାରୀ ଜଣକ

Digitized by srujanika@gmail.com

କାର୍ଯ୍ୟରୁ ମନ୍ତ୍ରଣା ହୋଇଥିଲେ । ସର୍ବୋପରି, ତାଙ୍କ ପ୍ରତି ସରକାରୀ ଆସ୍ଥାର ପ୍ରତୀକସ୍ୱରୂପ ୧୯୦୪ ମସିହାରେ ମଧୁବାବୁଙ୍କୁ ସମ୍ମାନସୂଚକ ସି. ଆଇ. ଇ: (Companion of the order of the Indian Empire—C. I. E.) ଉପାଧି ପ୍ରଦାନ କରାଯାଇଥିଲା ।

ଜନୈକ ମଧୁ-ଜୀବନୀ ପ୍ରଣେତାଙ୍କ ଭାଷାରେ ପ୍ରକାଶ କଲେ—"ଉତ୍କଳ ଭବରେ ମଧୁସୂଦନଙ୍କ ବୁଦ୍ଧି ବିଚକ୍ଷଣତା, ସ୍ପନ୍ଦନମୟୀ ବାଗ୍ମୀତାର ଗୁରୁତ୍ୱ, ସାଧାରଣ କ୍ଷେତ୍ରରେ ଅସାଧାରଣ ମାନସିକ ଶକ୍ତି ଉତ୍କଳ କାହିଁକି, ଭାରତର ଗର୍ବର ସାମଗ୍ରୀ ।"

ସୁଯୋଗ୍ୟ ବ୍ୟବସ୍ଥାପକ

ପ୍ରଗାଢ଼ ଦେଶପ୍ରେମୀ, ଗମ୍ଭୀର ଜ୍ଞାନୀ, ବିଚକ୍ଷଣ ଆଇନଜ୍ଞ ମଧୁସୂଦନଙ୍କର ବ୍ୟବସ୍ଥାପକ ହିସାବରେ ବି ଅବଦାନ କମ୍ ନ ଥିଲା । ଗୋଟିଏ ଦିଗରୁ ବିଚାର କଲେ, ତାଙ୍କର ଜୀବନର ଅଧିକାଂଶ ମୂଲ୍ୟବାନ ସମୟ ଏହି ବ୍ୟବସ୍ଥାପକ ଦାୟିତ୍ୱ ସମ୍ପାଦନ ମୂଳରେ ହିଁ ଉତ୍ସର୍ଗିତ ଥିଲା ।

ମଧୁବାବୁ ୧୮୯୬ ଠାରୁ ୧୮୯୭ ଓ ପୁଣି ୧୯୦୦ ମସିହାରୁ ୧୯୧୧ ଯାଏ ବଙ୍ଗ ବ୍ୟବସ୍ଥାପକସଭାର ସଦସ୍ୟ ଥିଲେ । ତାପରେ ୧୯୧୩ଠାରୁ ୧୯୨୩ ପର୍ଯ୍ୟନ୍ତ ସେ ବିହାର-ଓଡ଼ିଶା ବିଧାନ ସଭାର ସଦସ୍ୟ ହୋଇଥିଲେ । ସେହି ସମୟରେ ୧୯୧୩ ମସିହାରେ

Digitized by srujanika@gmail.com

ମଧୁବାବୁ ମଧ୍ୟ-ଭାରତୀୟ ଇମ୍ପିରିୟାଲ ଲେଜିସ୍‌ଲେଟିଭ କାଉନ୍‌ସିଲ୍‌ର ମଧ୍ୟ ସଦସ୍ୟ ହୋଇପାରିଥିଲେ ।

ତାଙ୍କ ବ୍ୟବସ୍ଥାପକ କାର୍ଯ୍ୟକାଳରେ ମଧୁବାବୁ ଶିଳ୍ପର ଉନ୍ନତି, ସ୍ତ୍ରୀ-ଶିକ୍ଷାର ପ୍ରସାର, ଗୃହବାଲି ବନ୍ଦର, କଟକ ଇଞ୍ଜିନିୟରିଙ୍ଗ୍ ସ୍କୁଲ, ପାଟନା-ଗଞ୍ଜ-ପୁରୀ ରେଳପଥ ନିର୍ମାଣ, ଶାସନ ଓ ଆଇନ ବିଭାଗର ପୃଥକୀକରଣ, ନବାଗତ ବାଳିକାମାନଙ୍କର ଅଭ୍ୟୁତ୍ଥାନ, ଅନୁନ୍ନତ ସମ୍ପ୍ରଦାୟର ଉନ୍ନୟନ, ମାତୃଭାଷା ମାଧ୍ୟମରେ ଶିକ୍ଷା ପ୍ରବର୍ତ୍ତନ, ବନ୍ଦୋବସ୍ତ ନୀତି ଓ ଲବଣ-ଶୁଳ୍କ ଆଇନର ସଂସ୍କାର ପ୍ରଭୃତି ସମ୍ପର୍କରେ ବଳିଷ୍ଠ ଯୁକ୍ତି ଉପସ୍ଥାପନ କରିଥିଲେ, ଯାହାର ପ୍ରାଧାନ୍ୟ ବିଳମ୍ବରେ ହେଲେ ବି ସରକାରୀ ସ୍ୱୀକୃତି ଲାଭ କରିପାରିଥିଲା ।

ସେହି ବ୍ୟବସ୍ଥାପକ ଜୀବନରେ ମଧୁବାବୁ ଅନେକ କଥାରେ ସାର୍ ଆଶୁତୋଷ ମୁଖାର୍ଜୀଙ୍କ ପରାମର୍ଶ ଗ୍ରହଣ କରୁଥିଲେ ଓ ତାଙ୍କ ସହିତ ବିଭିନ୍ନ ପ୍ରସଙ୍ଗ ଆଲୋଚନା କରୁଥିଲେ । କିନ୍ତୁ ବିସ୍ମୟର ବିଷୟ ଏହି ଯେ ମଧୁବାବୁଙ୍କ ସମ୍ପର୍କରେ ସାର୍ ଆଶୁତୋଷ ମୁଖାର୍ଜୀ ମତ ଦେବାକୁ ଯାଇ କହୁଥିଲେ—'ସେ ମୋର ବାଲ୍ୟଗୁରୁ' ।

ମଧୁସୂଦନଙ୍କ ବ୍ୟବସ୍ଥାପକ ଜୀବନର ଶେଷ ପରିଣତି ଥିଲା ମନ୍ତ୍ରୀ-ପଦରେ ମଣ୍ଡନ । ଆଜି, ତା ଫଳରେ ଓଡ଼ିଆଙ୍କ ଭିତରେ ମନ୍ତ୍ରୀ ହେବାପରି ଯୋଗ୍ୟ ବ୍ୟକ୍ତି ନାହାନ୍ତି ବୋଲି ଲୋକଙ୍କ ମନରେ ସେକାଳେ ରହି ଆସିଥିବା ଧାରଣା ଦୂରୀଭୂତ ହୋଇପାରିଥିଲା ।

●

Digitized by srujanika@gmail.com

ଶୈଶବର 'ଚଗଲ୍-ମଧୁ'

ଏହା ଯେ କେହି ଭାବିବା ସ୍ୱାଭାବିକ ଯେ ଜୋତା ବ୍ୟବସାୟରୁ ମନ୍ତ୍ରୀ ଯାଏ ଉଠିଥିବା ମଧୁବାବୁଙ୍କ ଶୈଶବଟା ନିଶ୍ଚିତରୂପେ ସରଳ, ସୁଶୃଙ୍ଖଳ ଓ ଉଜ୍ଜ୍ୱଳମୟ ହୋଇଥିବ । କିନ୍ତୁ ପ୍ରକୃତରେ ତାହା ଥିଲା ତାର ଠିକ୍ ଓଲଟା ।

ଛାତ୍ର ଜୀବନରେ ମଧୁସୂଦନ ଜଣେ ଚଗଲା ପିଲା ଥିଲେ । ଶିକ୍ଷକଙ୍କର କଡ଼େଇ ନେଇ ପୋଖରୀରେ ଫିଙ୍ଗି ଦେଉଥିଲେ । ଅବଧାନେ ଢୁଳାଇଲାବେଳେ ବେତଟି ନେଇ ଲୁଚାଇ ଦେଉଥିଲେ । ସେତେବେଳେ ପଟିଆର ରାଜା ରଘୁନାଥ ଦେବ ତାଙ୍କୁ ଉପାଧି ଦେଇଥିଲେ—'ଚଗଲା ମଧୁ' । ଆଉ ପରବର୍ତ୍ତୀ କାଳରେ ପଟିଆ ସମ୍ପର୍କରେ ମଧୁବାବୁଙ୍କଠାରୁ ଏକ ସୁନ୍ଦର ଢଗ ଶୁଣିବାକୁ ମିଳୁଥିଲା—

"ପଠୋପଠନାସ୍ତି ପଟିଆ ଗୋଡ଼ି ଟାଙ୍ଗଣ ମୃତ୍ତିକା,
ନଡ଼ାଏ ତଣ୍ଡୁଳ ନାସ୍ତି, ସଙ୍ଗୀତେ ପଟୁଆସ୍ତା ।"

କିନ୍ତୁ ମଧୁସୂଦନ ଛାତ୍ର ଜୀବନରେ କେବଳ ଚଗଲା ଥିଲେ ବୋଲି କହିଲେ ଯଥାର୍ଥ ହେବ ନାହିଁ । ସେତେବେଳୁ ସେ ଖୁବ୍ ତର୍କପ୍ରିୟ ମଧ୍ୟ ଥିଲେ; ଆଉ, ତାଙ୍କର ସେଇ ଯୁକ୍ତିପ୍ରବଣତା ଓ ତର୍କ ମନୋବୃତ୍ତିକୁ ଅନେକେ ଚଗଲାମି ବୋଲି [illegible] ଧରି ନେଉଥିଲେ ।

Digitized by srujanika@gmail.com

ସେତେବେଳେ ମଧୁସୂଦନ ଶିକ୍ଷକମାନଙ୍କର ଅର୍ଥ ଅର୍ଥାନ୍ତର-ନ୍ୟାସକୁ ବ-ଅର୍ଥ, କଦର୍ଥ ଓ ଭିନ୍ନ ଅର୍ଥ କରୁଥିଲେ—'ଗୋଶାଳା' 'ହସ୍ତୀଶାଳା' ପଦ ଠିକ୍ ହେଉଛି, 'ଅବଧାନଶାଳା' କାହିଁକି ନ ହେବ ? ଏଭଳି ପ୍ରଶ୍ନରେ ଅବଧାନେ ପଚାରୁଥିଲେ ମଧୁ ତାଙ୍କୁ 'ଶଳା' କହି ଗାଳିଦେଉଛି ! ତାଙ୍କର ଏଇ ମୁକ୍ତି ପ୍ରବୃତ୍ତି ପାଇଁ ସ୍କୁଲରୁ ତାଙ୍କର ନାଁ କାଟିଦିଆଯାଇଥିଲା ।

ସେ କଟକ ଇଂରେଜ ସ୍କୁଲରେ ପଢୁଥିଲାବେଳେ ଥରେ ଜଣେ ବଙ୍ଗୀୟ ସହପାଠୀ ତାଙ୍କର ଚୁଟି କାଟିଦେଇଥିଲେ । ତାଙ୍କର ସେଇ ବନ୍ଧୁଙ୍କର ଯୁକ୍ତି ଥିଲା, ଚୁଟି ରଖିବାଟା ଗୋଟାଏ ମାଇଚିଆ ଚିହ୍ନ । ସେତେବେଳେ ସେଇ କଟା ଚୁଟିଟିକ ଫେରାଇ ଦେବାପାଇଁ ଦାବୀ କରି ମଧୁବାବୁ କହିଥିଲେ—"ଯଦି ମୁଁ କେବେ ଜଣେ ବଙ୍ଗାଳୀ ସ୍ତ୍ରୀଅକୁ ବିବାହ କରିବି, ଏଇ ଚୁଟିଟି ଦେଖାଇ ମୁଁ ପୁରୁଷ ଥିବାର ପ୍ରମାଣ କରିବି ।"

ସେ ସମୟରେ ମଧୁବାବୁଙ୍କର ସେଇ କଥାକୁ ତାଂକର ବଙ୍ଗୀୟ ବନ୍ଧୁଗଣ ଆକ୍ଷେପମୂଳକ ଉକ୍ତିରୂପେ ଧରିନେଇଥିଲେ ସିନା, ସେ ସତକୁ ସତ ୧୮୭୩ ମସିହାରେ ଏମ୍. ଏ. ପାଶ୍ କଲାପରେ କଲିକତାର ଜନୈକା ବଙ୍ଗୀୟା ବାଳିକା ସୌଦାମିନୀ ଚଟ୍ଟୋପାଧ୍ୟାୟଙ୍କୁ ବିବାହ କରିଥିଲେ । ପୁଣି ସୌଦାମିନୀ ଥିଲେ ମଧୁବାବୁଙ୍କଠାରୁ ବୟସରେ ବରିଷ୍ଠ ବଡ଼ ।

Digitized by srujanika@gmail.com

ଅଢ଼େଇ ଦିନିଆ ଦାମ୍ପତ୍ୟ ଜୀବନ

ମଧୁବାବୁଙ୍କର ଛାତ୍ର ଜୀବନଟା ଅତି ଦୁଃଖମୟ ଥିଲା । ସେ ମାସିକ ସାତଟଙ୍କା ପାରିଶ୍ରମିକ ନେଉଥିବା ଜଣେ ଗୃହଶିକ୍ଷକଙ୍କ ଅଧୀନରେ ବାଲ୍ୟ ଶିକ୍ଷା ସିନା ଆରମ୍ଭ କରିଥିଲେ, କଲିକତାରେ ଉଚ୍ଚଶିକ୍ଷା ଲାଭ କାଳରେ ତାଙ୍କୁ ଲଣ୍ଡନ ମିଶନାରୀ ସଂସ୍ଥାର ଏକ ସାତଟଙ୍କିଆ ମାସିକ ବୃତ୍ତି ଉପରେ ନିର୍ଭର କରିବାକୁ ପଡ଼ିଥିଲା । କଲିକତା ଅନ୍ତର୍ଗତ ଭବାନୀପୁରରେ ଥିବା 'ଲଣ୍ଡନ ମିଶନାରୀ ସୋସାଇଟି କଲେଜ'ର କର୍ତ୍ତା ପାଦ୍ରୀ ରେଭରେଣ୍ଡ ଜେ: ପି: ଆଷ୍ଟୋନଙ୍କ ଦୟାରୁ ସେ ସେହି ବୃତ୍ତି ପାଇଥିଲେ ଓ କଲେଜ ହଷ୍ଟେଲରେ ରହିବାର ସୁଯୋଗ ଲାଭ କରିଥିଲେ ବୋଲି କୌଣସି ପ୍ରକାରେ ସେ ପିତାଙ୍କ ଇଚ୍ଛା ବିରୋଧରେ ଯାଇ ମଧ୍ୟ କଲିକତାରେ ରହି ଶିକ୍ଷା ଲାଭ କରିପାରିଥିଲେ ।

ବୈବାହିକ ଜୀବନ ମଧ୍ୟ ତାଙ୍କର ସେହିଭଳି ନିରାନନ୍ଦପୂର୍ଣ୍ଣ ଥିଲା । ବିବାହର ବହୁ ଆଗରୁ ୧୮୬୯ ମସିହାରେ ସେ ପିତାମାତାଙ୍କର ଅନିଚ୍ଛା ସତ୍ତ୍ୱେ ଖ୍ରୀଷ୍ଟଧର୍ମ ଗ୍ରହଣ କରିନେଇଥିଲେ । ବେଥୁନ୍ କଲେଜରେ ବି. ଏ. ପଢ଼ୁଥିବା ସମୟରେ ସୌଦାମିନୀ ଥିଲେ ତାଙ୍କର ସହପାଠିନୀ । ସେତେବେଳେ ଉଭୟଙ୍କ ମଧ୍ୟରେ ସଦ୍ଭାବ ବଢ଼ିଥିଲା ଓ ପରିଣୟ ବନ୍ଧନରେ ତାର ପରିସମାପ୍ତି ଘଟିଥିଲା ।

ତାଙ୍କ ବୈବାହିକ ଜୀବନର ପ୍ରାରମ୍ଭଟା ନିରାନନ୍ଦମୟ ହେବାର ଏକ ମୂଳ କାରଣ ଥିଲା ଅସ୍ୱଚ୍ଛଳ ଆର୍ଥିକ ଅବସ୍ଥା । ପୁନଶ୍ଚ, ସେହି ସମୟରେ ମଧୁବାବୁ ଅସୁସ୍ଥ ହୋଇପଡ଼ିଥିଲେ ଓ ସେହି କାରଣରୁ

Digitized by srujanika@gmail.com

ପାଦ୍ରୀ ମେକ୍‌ନାମାର୍ ସାହେବଙ୍କ ମାଧ୍ୟମରେ ସେ ଚଳପ୍ରା ଓ କଣ୍ଡାମ ଲାଗି କଚ୍ଛୁଅକ ପାଇଁ ପାଠନା (ବିହାର) ଯାଇଥିଲେ । ଆଉ, ପାଞ୍ଚଟି ବର୍ଷ ମଧ୍ୟ ଦାମ୍ପତ୍ୟ ଜୀବନ ଉପଭୋଗ କରିବା ପୂର୍ବରୁ ୧୮୭୮ ମସିହାରେ ସୌଦାମିନୀଙ୍କର ଆକସ୍ମିକ ତିରୋଭାବ ଘଟିଥିଲା । କହିବାକୁ ଗଲେ, ତାଙ୍କର ଦାମ୍ପତ୍ୟ ଜୀବନଟା ଥିଲା ମାତ୍ର ଅଢ଼େଇ ବର୍ଷ ।

ସୌଦାମିନୀଙ୍କୁ ସେ ପ୍ରାଣଭରି ଭଲ ପାଉଥିବାରୁ ତାଙ୍କ ପରଲୋକ ପରେ ମଧୁବାବୁ ଆଉ ଦ୍ୱିତୀୟ ଦାର ପରିଗ୍ରହ କରି ନଥିଲେ । ପୁଣି, ସୌଦାମିନୀଙ୍କ ମୃତ୍ୟୁଟା ଥିଲା ଅତି ଆକସ୍ମିକ ଓ ମଧୁବାବୁଙ୍କ ପକ୍ଷରେ ତୀବ୍ର ଯନ୍ତ୍ରଣାଦାୟକ । କାରଣ, ସୌଦାମିନୀ ସ୍ନାନରୁ ଉଠି ପାଣି ଢାଳୁ ଢାଳୁ ହଠାତ୍ ହୃଦଯନ୍ତ୍ର କ୍ରିୟା ବନ୍ଦ ହୋଇଯାଇ ତାଙ୍କର ମୃତ୍ୟୁ ଘଟିଲା । ଏଥିଯୋଗୁଁ ଦାମ୍ପତ୍ୟ ଜୀବନରେ ମଧୁବାବୁ ସଂସାରବିରାଗୀ ହୋଇପଡ଼ିଥିଲେ ଓ ଗୃହ ଜଞ୍ଜାଳ ପ୍ରତି ସମ୍ପୂର୍ଣ୍ଣ ଉଦାସୀନ ରହିଥିଲେ । ଅବଶ୍ୟ, ନିଜର ନିଃସନ୍ତାନ ଜୀବନର ନୈରାଶ୍ୟ ଦୂର କରିବା ପାଇଁ ସେ ପାଳିତା କନ୍ୟା ରୂପେ ଗ୍ରହଣ କରି ନେଇଥିଲେ ବନ୍ଧୁ ଅମ୍ବିକାଚରଣ ହାଜରାଙ୍କ କନ୍ୟା ଶୈଳବାଳାଙ୍କୁ ଯେ କି ତାଙ୍କର ଶେଷ ଜୀବନ ପର୍ଯ୍ୟନ୍ତ ପ୍ରାୟ ତାଙ୍କ ପାଖେ ପାଖେ ରହିଥିଲେ ଓ ମଧୁବାବୁଙ୍କର ଏକ ଜୀବନୀ ଗ୍ରନ୍ଥ ମଧ୍ୟ ରଚନା କରିଥିଲେ ।

●

Digitized by srujanika@gmail.com

ବ୍ୟକ୍ତିତ୍ୱ : ଏକ ଉଜ୍ଜ୍ୱଳ ଆଲୋକବର୍ତ୍ତିକା

ବାସ୍ତବିକ, ମଧୁବାବୁଙ୍କ ବ୍ୟକ୍ତିତ୍ୱ ଏକ ବିରାଟ ବ୍ୟତିକ୍ରମ । ସେ ଖ୍ରୀଷ୍ଟିୟାନ ହୋଇଥିଲେ ହେଁ ଜଗନ୍ନାଥଙ୍କୁ ଗଣଦେବତା ବୋଲି କହୁଥିଲେ ଏବଂ **କୃଷ୍ଣ** ଓ ଯୀଶୁଙ୍କର ଏକ ଅପୂର୍ବ ତୁଳନାତ୍ମକ ବିଚାର କରିଥିଲେ । ନିଜର ପୂର୍ବପୁରୁଷଙ୍କ କୀର୍ତ୍ତିରାଜି ପାଇଁ ଗର୍ବ ଅନୁଭବ କରୁଥିଲେ ହେଁ ବଂଶ ଆଭିଜାତ୍ୟର ଧାର ଧାରୁନଥିଲେ । ବରଂ ସେ କହୁଥିଲେ ଯେ, ତ୍ୟାଗରେ ହିଁ ସାଂପ୍ରଦାୟିକ ଉନ୍ନତି ସମ୍ଭବ । ତେଣୁ ସଂଜ୍ଞା ନିର୍ଦ୍ଦେଶରେ 'ଦାସ' ଓ 'ଦାଶ' ପ୍ରଭେଦ ରଖିବାଟାକୁ ସେ ପସନ୍ଦ କରୁନଥିଲେ । ସେ କାଳରେ ଦେଖା ଦେଇଥିବା ଜାତିଆଣ ଭାବରେ ସଂସ୍କାର ଆଣିବା ଉଦ୍ଦେଶ୍ୟରେ ସେ ଅନେକ ଢଗଢମାଳି ମେଲୁଥିଲେ । ଯଥା—

"କେଳା ରାଇଜ ଯେ ପଟିଆ ଗାଁ,
ତିନି ପୁରୁଷରେ ତିନି ନାଁ,
ପୁରୁଷେ କାନଗୋଇ, ପୁରୁଷେ ମହାନ୍ତି,
ତହିଁର ପୁଅ ଦାସ ବୋଲନ୍ତି ।"

× × ×

"ବାଉଁଶ, କଦଳୀ, କରଣ, କଥା,
ଏମାନେ ସବୁ ପରବୃତ୍ତିଆ ।
ବେଳ ଉଣ୍ଡି ଦେଉଥିବ କାଟି,
ନ ହେଲେ ସବୁ ଖାଇବେ ଲୁଟିଳାଟି ।"

ଏଥିରୁ ତାଙ୍କର ସମ୍ମାନ ମନୋଭାବର ସଠିକ ପରିଚୟ ମିଳେ, ହାସ୍ୟରସିକତାର ପ୍ରମାଣ ମଧ୍ୟ ତତୋଧିକ ସୁସ୍ପଷ୍ଟ ।

Digitized by srujanika@gmail.com

କିନ୍ତୁ, ପ୍ରଚଣ୍ଡ ହାସ୍ୟରସିକତା ସତ୍ତ୍ୱେ ସେ ଥିଲେ କ୍ଷଣକୋପୀ । କିଏ ଯଦି ତାଙ୍କ ସହ ଯୁକ୍ତି କଲା ବା ତାଙ୍କ ଯୁକ୍ତିର ବିରୋଧ କଲା, ସେ ତାହା ଉପରେ ଖାପଣ ରାଗି ଉଠୁଥିଲେ । ଏଥିପାଇଁ ତାଙ୍କୁ କେହି କେହି କହୁଥିଲେ—"କ୍ଷଣେ ତୁଷ୍ଟାଃ, କ୍ଷଣେ ରୁଷ୍ଟାଃ, ରୁଷ୍ଟ ତୁଷ୍ଟଃ କ୍ଷଣେ କ୍ଷଣେ ।"

ତେବେ, ମଧୁବାବୁଙ୍କ ସ୍ପଷ୍ଟବାଦିତା ଓ ସମସ୍ୟାନୁବର୍ତ୍ତିତା ଅତି ଉଚ୍ଚକୋଟୀର ଥିଲା । ସେ ଏ କ୍ଷେତ୍ରରେ ଅପ୍ରତିଦ୍ୱନ୍ଦ୍ୱୀ ଥିଲେ ବୋଲି ମଧ୍ୟ କୁହାଯାଇପାରେ । କାହାଠାରେ କିଛି ଦୋଷତ୍ରୁଟି ଦେଖିଲେ ଚିହ୍ନା ଅଚିହ୍ନା, ନିଜ ପର, ବଡ଼ ସାନ ନିର୍ବିଶେଷରେ ମୁହେଁ ମୁହେଁ ସେ ଯାହା ଭାବୁଥିଲେ, ପ୍ରକାଶ କରିପକାଉଥିଲେ । ଏଥିରୁ ତାଙ୍କର ନିର୍ଭୀକ ଭାବ ବି ପ୍ରକଟିତ ହେଉଥିଲା ।

ଅବଶ୍ୟ ମଧୁବାବୁଙ୍କ ସ୍ନେହପ୍ରବଣତା ପ୍ରଶଂସିତ ଥିଲା । ଶିଶୁମାନଙ୍କୁ ସ୍ନେହ କରିବାରେ ତାଙ୍କଠି କୌଣସି ଆବିଳତା ନଥିଲା । ତାଙ୍କର ବାତ୍ସଲ୍ୟ ମମତା ଖୁବ୍ ପ୍ରଗାଢ଼ ଥିଲା । ଛାତ୍ରଛାତ୍ରୀମାନଙ୍କ ପ୍ରତି ମଧ୍ୟ ତାଙ୍କର ଅଗାଧ ସ୍ନେହ ମମତା ରହିଥିଲା ।

ସ୍ତ୍ରୀ ଶିକ୍ଷା ପ୍ରତି ମଧୁବାବୁ ବିଶେଷ ଗୁରୁତ୍ୱ ଆରୋପ କରିଥିଲେ । ନାରୀ ସମାଜକୁ ସେ ଯଥେଷ୍ଟ ସ୍ନେହ ଓ ସମ୍ମାନ କରୁଥିଲେ—"ଜାତି ପକ୍ଷରେ ସ୍ତ୍ରୀ ଶିକ୍ଷା ଅତୀବ ଆବଶ୍ୟକ । ପ୍ରତ୍ୟେକ ବାଳିକା ଭାବୀ ମାତା । ବର୍ତ୍ତମାନର ବାଳିକାମାନେ ଭବିଷ୍ୟତରେ ମାତା ହେବେ ! ଯେଉଁ ଉତ୍ସରୁ ସ୍ରୋତ ବହିଯାଉଛି ସେହି ସ୍ରୋତ ଉତ୍ସ ଅପେକ୍ଷା ଅଧିକ ଉଚ୍ଚକୁ ଉଠିପାରେ ନାହିଁ ବା ଅଧିକ ବିଶୁଦ୍ଧ ହୋଇପାରେ ନାହିଁ । କୌଣସି ଜାତି ସ୍ୱଜାତିର ନାରୀମାନଙ୍କଠାରୁ ଅଧିକ ଉଚ୍ଚ ସ୍ତରକୁ ଉଠିପାରେ ନାହିଁ ।"

Digitized by srujanika@gmail.com

ତାଙ୍କ ବ୍ୟକ୍ତିତ୍ୱ ଓ ଚରିତ୍ରର ମହତ୍ତ୍ୱ, ବିଶେଷତଃ ତାଙ୍କର ଉଦାରତା, ହୃଦୟବତ୍ତା ଓ ବଦାନ୍ୟତାରେ ପ୍ରକାଶ ପାଉଥିଲା । ସେ ଈଶ୍ୱରବିଶ୍ୱାସୀ ଥିଲେ ଏବଂ ଈଶ୍ୱରଙ୍କ ସୃଷ୍ଟିର ସମସ୍ତ ମାନବସମାଜ ପ୍ରତି କରୁଣା ଭାବ ପୋଷଣ କରୁଥିଲେ । ତାଙ୍କର ଆନ୍ତରିକତା ଓ ସମ୍ବେଦନଶୀଳତା ଅବିସ୍ମରଣୀୟ । ତାଙ୍କ ଅର୍ଦ୍ଧଶତାବ୍ଦୀ କାଳର ଉତ୍କଳୀୟ ଜୀବନରେ ଅନେକ କୁନିପୁର ଉତ୍କଳ ତାଙ୍କ ଆଦର୍ଶକୁ ପାଥେୟ କରି ଖୁବ୍ ବଡ଼ ଲୋକ ହୋଇଛନ୍ତି ଓ ତାଙ୍କୁ ଭୁଲିପାରି ନାହାନ୍ତି ।

ଭିକାରୀ, ଅନ୍ଧ, ପାଗଳ ଓ ଅକର୍ମଣ୍ୟଙ୍କ ପ୍ରତି ତାଙ୍କର ଅସୀମ ଦୟା ରହିଥିଲା ଏବଂ ସେ ପ୍ରତି ରବିବାର ଦିନ ଯଥାଶକ୍ତି ଦାନ କରିବାରେ ସନ୍ତୋଷ ଲାଭ କରୁଥିଲେ । ତେବେ, ଜାତିସେବା କାର୍ଯ୍ୟରେ ଅକୁଣ୍ଠ ବ୍ୟୟ କରିବା ଦିଗରେ ବୋଧେ ତାଙ୍କ ଭଳି ଖୁବ୍ କମ୍ ଲୋକ ହେବେ । ଜାତୀୟ ମମତା ଜାଗ୍ରତ କରିବା କ୍ଷେତ୍ରରେ ତାଙ୍କର ଆହ୍ୱାନ ଓ ଅବଦାନ ଅତୁଳନୀୟ । ସେ କହିଥିଲେ—

"ଜାତୀୟ ଜୀବନ ପ୍ରତିଷ୍ଠିତ ହେଲେ ଜାତି ଜାତି ମଧ୍ୟରେ ଯେଉଁ ସଦ୍‌ଭାବ ତହିଁରେ ବିଚ୍ଛେଦ ହେବ ନାହିଁ । କିନ୍ତୁ ବ୍ୟକ୍ତିଗତ ସଦ୍‌ଭାବ ଚିରସ୍ଥାୟୀ ନୁହେଁ, ତାହା କ୍ଷଣଭଙ୍ଗୁର ।"

ଜାତୀୟ ଜୀବନର ପ୍ରତିଷ୍ଠା କଳ୍ପେ ତାଙ୍କର ଆନ୍ତରିକ ଆହ୍ୱାନ ବାଣୀ ଅଦ୍ୟାବଧି ଏ ଜାତିର କର୍ଣ୍ଣକୁହରରେ ପ୍ରତିଧ୍ୱନିତ ହୁଏ ଏବଂ ୧୯୦୪ ମସିହା ଡିସେମ୍ବର ୨୮ ତାରିଖରେ ସେ ଯେଉଁ ଉଦ୍‌ବୋଧନ ଦେଇଥିଲେ, ତାହା ଆଜି ବି ଆମର ଏକାନ୍ତ ଅନୁସରଣୀୟ ।

"ପ୍ରଥମେ ଆକାଶରୁ କ୍ଷୁଦ୍ର ଜଳବିନ୍ଦୁ ପୃଥିବୀ ଉପରେ ପଡ଼େ । ତତ୍ପରେ ଜଳବିନ୍ଦୁଗୁଡ଼ିକ ଏକତ୍ରିତ ହୋଇ ଗୋଟିଏ ଜଳଧାରା

Digitized by srujanika@gmail.com

ହୋଇ ଚଳନ୍ତି ବହିଯାଏ । ଏହିପରି କେତେଗୁଡ଼ିଏ ଜଳଧାରା ମିଶି ଗୋଟିଏ ନାଳରେ ପରିଣତ ହୁଏ । ଏହିପରି କେତେଗୁଡ଼ିଏ ନାଳ ମିଶି ନଦୀରେ ପରିଣତ ହୋଇ ଚଳନ୍ତି ବହିଯାଏ ଓ ଶେଷରେ ସମୁଦ୍ରରେ ଯାଇ ପଡ଼େ । ଆପଣମାନେ ଦେଖନ୍ତୁ, ସବୁ ସ୍ଥଳରେ, ସବୁ ଅବସ୍ଥାରେ ଜଳ ନିଜର ଜାତୀୟ ଗୁଣକୁ ଧାରଣ କରି ନିଜର ଜାତୀୟ ଜୀବନର ଟେକ ରଖିଅଛି । ଜଳର ଜାତୀୟଗୁଣ ନିମ୍ନଗତି । ନଦୀ ଜଳରେ ସେହି ଗୁଣ ବିଦ୍ୟମାନ ଓ ମହାସମୁଦ୍ରରେ ମଧ୍ୟ ଜଳ ନିଜର ଜାତୀୟ ଗୁଣକୁ ହରାଇ ପାରେନାହିଁ । ଆମ୍ଭ ସମସ୍ତଙ୍କର ସର୍ବଦା ମନେ ରଖିବା ଉଚିତ ନଯ, ଆମ୍ଭମାନଙ୍କର ଜାତୀୟ ଜୀବନ ଅଛି । ସବୁ ଅବସ୍ଥାରେ, ସବୁ କାଳରେ, ସବୁ ସ୍ଥାନରେ ଆମ୍ଭେମାନେ ପ୍ରତ୍ୟେକେ ଜାତୀୟ ଜୀବନର ଟେକ ରଖି କାର୍ଯ୍ୟ କରିବା ଏକାନ୍ତ ଆବଶ୍ୟକ । ଆମ୍ଭମାନଙ୍କ ମଧ୍ୟରୁ ଯେବେ କେହି ଭ୍ରମରେ ପଡ଼ିଥାନ୍ତି, ସେ ଭ୍ରମ ଅତି ଶୀଘ୍ର ସଂଶୋଧନ କରିବା ଏକାନ୍ତ ଆବଶ୍ୟକ ।”

ଏହି ଜାତୀୟବାଦ ଆଦର୍ଶ ଦୃଷ୍ଟିରୁ ବିଚାର କଲେ, ଉତ୍କଳର ଅନ୍ୟତମ ପ୍ରାତଃ ସ୍ମରଣୀୟ ନେତା ପୁଣ୍ୟାତ୍ମା ଗୋପବନ୍ଧୁ ଥିଲେ ପ୍ରଥମେ ଓଡ଼ିଆ, ପରେ ଭାରତୀୟ ଏବଂ ପରିଶେଷରେ ବିଶ୍ୱନାଗରିକ । କିନ୍ତୁ ମଧୁବାବୁଙ୍କର ମତ ଥିଲା—

“ଦେଖନ୍ତୁ, ପ୍ରଥମେ ଜନନୀ, ଦ୍ୱିତୀୟରେ ଜନ୍ମଭୂମି, ତୃତୀୟରେ ସ୍ୱର୍ଗ । ମନୁଷ୍ୟ ଜନ୍ମରେ ପ୍ରତ୍ୟେକ ମନୁଷ୍ୟର ଜୀବନକୁ ଗୋଟିଏ ସ୍ରୋତ ବୋଲି ମନେ କଲେ ଦେଖିବେ, ଏହି ସ୍ରୋତର ଆଦ୍ୟରେ ଜନନୀ, ମଧ୍ୟରେ ଜନ୍ମଭୂମି ଓ ଶେଷରେ ସ୍ୱର୍ଗ । ପ୍ରତ୍ୟେକ ଆତ୍ମାର ଏହି ଗତି । ମନୁଷ୍ୟ ଜୀବନରେ ଆଦ୍ୟ ଜନନୀ, କାର୍ଯ୍ୟ ଜନ୍ମଭୂମି, ପୁରସ୍କାର ମୁକ୍ତି ବା ସ୍ୱର୍ଗ ।”

Digitized by srujanika@gmail.com

ମଧୁବାବୁ କଲିକତାରେ ହାଜରା ପରିବାରରେ ବାସ କରୁଥିଲାବେଳେ ଏବଂ ତାଙ୍କର କଟକ ଅବସ୍ଥାନ କାଳରେ ଶୈଳବାଳା ଓ ସୁଧାଂଶୁବାଳାଙ୍କ ସହ ସବୁବେଳେ ବଙ୍ଗଳାରେ କଥାବାର୍ତ୍ତା କରୁଥିଲେ । ତଥାପି ସେ ନିଜକୁ ଜଣେ 'ଓଡ଼ିଆ' ବୋଲି ଗର୍ବ ଅନୁଭବ କରୁଥିଲେ । ତାଙ୍କ ସହିତ କଥାବାର୍ତ୍ତା କଲା ସମୟରେ କୌଣସି ଓଡ଼ିଆ ଲୋକ ଯଦି ବଙ୍ଗଳା ବା ଇଂରାଜୀରେ କିଛି କହିଦିଅନ୍ତି, ତା'ହେଲେ ସେ ଭୀଷଣ ଚଢ଼ି ଉଠୁଥିଲେ ।

"ମୁଁ ଓଡ଼ିଆ, ଓଡ଼ିଶାରେ ଜନ୍ମଗ୍ରହଣ କରିଅଛି ଏବଂ ବାସ କରୁଅଛି । ଉତ୍କଳମାତାଙ୍କ କୋଳରେ ମୋର ଅସ୍ଥି ମାଂସ ରହିବ । ଯେଉଁମାନେ କୀର୍ତ୍ତି କରି ଯାଇଅଛନ୍ତି, ସେମାନେ ମୋର ପୂର୍ବପୁରୁଷ । ତାଙ୍କର କୀର୍ତ୍ତିରକ୍ଷାର ଭାର ମୋ ଉପରେ ନ୍ୟସ୍ତ ।" ସମସ୍ତଙ୍କ ମନରେ ଏହିପରି ଭାବଧାରା ସଞ୍ଚାରିତ ହେବା ଆବଶ୍ୟକ ବୋଲି ସେ କହୁଥିଲେ ।

ମାତା ଆମର ରକ୍ତଦାତ୍ରୀ ଓ ଜନ୍ମଭୂମି ଆମର ଶସ୍ୟଦାୟିନୀ । ଏହା ବୁଝାଇବାକୁ ଯାଇ ସେ ୧୯୧୮ ମସିହାରେ ଉତ୍କଳ ସମ୍ମିଳନୀର ତ୍ରୟୋଦଶ ଅଧିବେଶନରେ କହିଥିଲେ—

"ପ୍ରଥମେ ମାତା ରକ୍ତ ଦେଇଥିଲେ । ସେହି ରକ୍ତ ବୃଦ୍ଧି କରିବାପାଇଁ ମୋ ଜନ୍ମଭୂମି ମୋତେ ଶସ୍ୟାଦି ଦେଉଅଛି । ଅତଏବ ଶରୀରର ଆଦ୍ୟ ପଦାର୍ଥ ଦାତ୍ରୀ ମାତା, ତାହାର ରକ୍ଷକ ଓ ବର୍ଦ୍ଧକ ଜନ୍ମଭୂମି । ଏହି କଥା ଥରେ ଅନ୍ତଃକରଣରେ ଭାବ, ଶେଷ ଅବସ୍ଥା ସ୍ମରଣ କର । ମାତା ଯେଉଁ ରକ୍ତ ଦେଇଥିଲେ, ତାହା ନିଃଶେଷ ହେଲାଣି । କେବଳ ସେ ଶରୀର ଅଛି, ତାହା ମାତୃଭୂମିର ମାଟି ସଙ୍ଗେ ସମାନ । ମାତୃଭୂମି ଉତ୍କଳ ଦେହରେ ଆତ୍ମା ରହିଛି, ମା ଉତ୍କଳ କୋଳରେ ବସି ଚକ୍ଷୁ ବୁଜି ଥରେ ପ୍ରାର୍ଥନା କର, ହୃଦୟରେ

Digitized by srujanika@gmail.com

ଜନ୍ମଭୂମିର ମିତ୍ରଜା ଆପେ ଜାଗ୍ରତ ହେବ । ଚକ୍ଷୁ ବନ୍ଦ କର । ଦେଖିବ, ତୁମ୍ଭ ଭିତରେ ମା ଅଛନ୍ତି । ଏହି ତ ମାତୃଭୂମିର ପୂଜା । ଭାଇମାନେ ! ପୂଜା ନମସ୍କେ ଜନନୀ ଜନ୍ମଭୂମି ଉତ୍କଳ ମାତାଙ୍କର ଆହ୍ୱାନ କର । ସମସ୍ତେ କହ, ବନ୍ଦେ ଜନ୍ମଭୂମି ।"

କୁଳବୃଦ୍ଧ ମଧୁସୂଦନଙ୍କର ଜାତୀୟ ପ୍ରେମରସ ଜର୍ଜରିତ ଅମର ଆହ୍ୱାନ ବାଣୀ ଏବେ ମଧ୍ୟ ଆମ କର୍ଣ୍ଣକୁହରରେ ପ୍ରତିଧ୍ୱନିତ ହୁଏ—

ଜାତିର ଉନ୍ନତି ସେ କାହିଁ କରିବ
ସ୍ୱାର୍ଥେ ଯାର ବ୍ୟସ୍ତ ମନ,
ଶାଗୁଣା ବଲୁଆ ଚିକିତ୍ସକ ହେଲେ
ଶବ କି ପାଇବ ପ୍ରାଣ ?
ଜାତି ନନ୍ଦିଘୋଷ ଚଳିବ କି ଭାଇ
ସ୍ୱାର୍ଥକୁ ସାରଥି କଲେ,
ଟାଣେ କରେ ଗାଡ଼ି ଦାନାର ତୋବଡ଼ା
ଘୋଡ଼ା ମୁହେଁ ବନ୍ଧା ଥିଲେ ?

× × ×

ଉଠ ରେ ଉଠ ରେ ଉତ୍କଳ ସନ୍ତାନ
ଉଠିବୁ ତୁ କେତେ ଦିନେ,
ପୂରୁବ ଗୌରବ ପୂରୁବ ବିଭବ
ପଡ଼ିବ କି କେବେ ମନେ ?
ତୋହର ଜନନୀ ବୀର ପ୍ରସବିନୀ
ଧୂଳିରେ ପଡ଼ିଛି ଦେଖ,
ଜଗ ସମାଜରେ ଏ ମହୀ ମଧ୍ୟରେ
କିପରି ଦେଖାଉ ମୁଖ ?

●

Digitized by srujanika@gmail.com

ସାଦେବୀ ଉଲରେ
ଜୀବନ-ଯାତ୍ରା

ମଧୁବାବୁ ତାଙ୍କ ଜୀବନର ଅଧିକାଂଶ ସମୟ କଟକରେ ଅତିବାହିତ କରିଥିଲେ । ସେ ସୁବର୍ଣ୍ଣୀୟ ଆଦବ୍ କାଇଦା ଭିତରେ ମାର୍ଜିତ ଢଙ୍ଗରେ ଚଳୁଥିଲେ ମଧ୍ୟ ତାଙ୍କର ନମସ୍କାର, ଆଶୀର୍ବାଦ ଇତ୍ୟାଦି ପାରଂପରିକ ରୀତିରେ କୌଣସି ବ୍ୟତିକ୍ରମ ଘଟି ନଥିଲା ।

ତାଙ୍କ ଓକିଲାତି ଜୀବନରେ ସେ କଟକ କ୍ୟାଣ୍ଟନମେଣ୍ଟ ରୋଡ଼ସ୍ଥିତ ଏକ ସୁରମ୍ୟ ଅଟ୍ଟାଳିକାରେ ବାସ କରୁଥିଲେ । ସେତେବେଳେ ସେ ବହୁ ସୌଖୀନ ଘୋଡ଼ା ଗାଡ଼ି ରଖିଥିଲେ । ତାଙ୍କ ଘୋଡ଼ାଶାଳରେ ସବୁଠୁଁ ମୂଲ୍ୟବାନ ଘୋଡ଼ା ଦେଖିବାକୁ ମିଳୁଥିଲା । କଟକକୁ ଯେତେ ବଡ଼ ହାକିମ ଓ ରାଜା ମହାରାଜା ସବୁ ଆସୁଥିଲେ, ସମସ୍ତେ ପ୍ରାୟ ମଧୁବାବୁଙ୍କ ଘୋଡ଼ା ଗାଡ଼ି ବ୍ୟବହାର କରୁଥିଲେ । ତାଙ୍କ ସମୟରେ କଟକର ଗୃଜଲଆଟାଙ୍ଗିରେ ଘୋଡ଼ାଦୌଡ଼ ଖେଳ ହେଉଥିଲା ଏବଂ ମଧୁବାବୁଙ୍କ ଘୋଡ଼ା ସବୁ ସେଥିରେ ଭାଗ ନେଉଥିଲେ । ସେ ଏକାଧିକ ଦେଶୀ ବିଦେଶୀ କୁକୁର ମଧ୍ୟ ପୋଷିଥିଲେ ।

ସେ ଖୁବ୍ ଫୁଲରସିକ ଥିଲେ । ତାଙ୍କ ବଗିଚାରେ ଦେଶୀ ବିଦେଶୀ ବହୁ ପ୍ରକାର ଫୁଲଗଛ ରହିଥିଲା । ବଗିଚାର ରକ୍ଷଣାବେକ୍ଷଣ, ପରିଚ୍ଛନ୍ନତା ଓ ସାଜସଜ୍ଜା ନିମିତ୍ତ ଅନେକ ଚାକର ଓ ମାଳୀ ନିଯୁକ୍ତ ଥିଲେ । ମଧୁବାବୁ ପ୍ରତିଦିନ କିଛି ସମୟ ବଗିଚାରେ ବୁଲୁଥିଲେ ଏବଂ ନିଜେ ବଗିଚାର ତତ୍ତ୍ୱ ନେଉଥିଲେ ।

Digitized by srujanika@gmail.com

ମଧୁବାବୁ କଟକସ୍ଥ ଦେଶୀବଜାର ଘରେ ରହୁଥିଲେ ବେଳେ ଆଧୁନିକ ଓଡ଼ିଶାର ବୃଦ୍ଧ ନେତା ଶ୍ରୀଯୁକ୍ତ ବିଶ୍ୱନାଥ ଦାସ ପ୍ରମୁଖ ସେତେବେଳେ ଅଧିକାଂଶ ଦିନ ସନ୍ଧ୍ୟାରେ ସେଠାକୁ ଖବର କାଗଜ ପଢ଼ିବାକୁ ଯାଉଥିଲେ । ଶ୍ରୀଯୁକ୍ତ ବିଶ୍ୱନାଥ ଦାସ କହନ୍ତି—"ମଧୁବାବୁଙ୍କ ଘରକୁ ବେଶୀ ଖବର କାଗଜ ଆସୁଥିଲା । ସେତେବେଳେ ଯୁଦ୍ଧ ସମୟ । ମୁଁ ଓ ମଙ୍ଗୁ ମିଶ୍ରେ ତାଙ୍କ ସହିତ ୫।୩° ମିନିଟରେ ସାନ୍ଧ୍ୟ ଭ୍ରମଣରେ ବାହାରୁଥିଲୁ । କିନ୍ତୁ ଆମ ପକ୍ଷେ ଏକ୍ଷେ ଦୁଇଟି ଘୋଡ଼ା ଯୋଗୁ ଯାଉଥିବା ତାଙ୍କର ଘୋଡ଼ାଗାଡ଼ି ଚାଲୁଥାଏ । ମଧୁବାବୁଙ୍କ ଠାରୁ ବହୁତ ଶିକ୍ଷା ମିଳୁଥିଲା ।"

ମଧୁବାବୁ ବଡ଼ ହୁକାପ୍ରିୟ ଥିଲେ । ସେ ଅଧିକାଂଶ ବେଳ ହୁକା ଟାଣିବା ଦେଖାଯାଉଥିଲା । କଚେରୀରେ ମଧ୍ୟ ମିସଲ୍‌କୁ ଯିବା ଦାଏ ସେ ହୁକା ଟାଣୁଥିଲେ । ହୁକା ସଜାଡ଼ି ତାଂକ ହାତକୁ ବଢ଼ାଇ ଦେବା ଲାଗି ଜଣେ ସ୍ୱତନ୍ତ୍ର ଚାକର ନିଯୁକ୍ତ ଥିଲା । 'ହୁକା ମୋ ଜୀବନ' ବୋଲି ସେ କହୁଥିଲେ ।

ବୋଧହୁଏ ଏହି ହୁକା ହିଁ ହୋଇଥିଲା ତାଙ୍କ ମୃତ୍ୟୁର କାରଣ । ସେ ଖୁବ୍ ଅଳ୍ପ ବୟସରୁ ଉଦରରେ ନାଳୀ ଘାଆ (**Abdominal Ulcer**) ଯୋଗୁଁ ଯନ୍ତ୍ରଣା ଭୋଗ କଲେ । ଏଥିପାଇଁ ସେ ସବୁବେଳେ କୋଟ ଭିତରେ ଗୋଟାଏ ଗରମ ପାଣି ବୋତଲ ରଖୁଥିଲେ । ଏଦ୍ୱାରା ପେଟର ଯନ୍ତ୍ରଣା ସାମାନ୍ୟ ହ୍ରାସ ପାଉଥିଲା । ଏହି ପେଟ ରୋଗ ଯୋଗୁଁ ସେ ଅଳ୍ପ ବୟସରୁ ସ୍ୱଳ୍ପାହାରୀ ହୋଇ ପଡ଼ିଥିଲେ । ଦିନସାରା ମାତ୍ର [illegible] [illegible] ଖାଦ୍ୟ ପାଣିମିଶା ଦୁଧ ଅଧା କପ୍ ଓ କିଛି ଫଳମିଷ୍ଟ ଥିଲା ତାଙ୍କର ସବୁ

Digitized by srujanika@gmail.com

କଷ୍ଟ ଆଧାର   ଅନେକ କହନ୍ତି: ଏହି ପେଟ ରୋଗ ଯୋଗୁଁ ହିଁ ସେ ଜଣେ ଖଟକେଶୀ ସ୍ୱଭାବର ବ୍ୟକ୍ତି ହୋଇ ପଡ଼ିଥିଲେ ଏବଂ ସାମାନ୍ୟ କଥାରେ ହଠାତ ଚଡ଼ି ଉଠୁଥିଲେ ।

●

ସଂଗ୍ରାମୀ ଜୀବନର ଶେଷ ପର୍ଯ୍ୟାୟ

ଅସ୍ତାଚଳଗାମୀ ଅଂଶୁମାଳୀର ପ୍ରଖରତା କମି ଆସିଲା ପରି ଉତ୍କଳ ଗୌରବ ମଧୁସୂଦନ ତାଙ୍କ ସଂଗ୍ରାମୀ ଜୀବନର ଶେଷ ପର୍ଯ୍ୟାୟରେ ମଧ୍ୟ ମୃତ୍ୟୁ ସହିତ ଖୁବ୍ ଲଢ଼ିଥିଲେ । ୧୯୩୪ ମସିହା ଆରମ୍ଭ ବେଳକୁ ତାଙ୍କ ସ୍ୱାସ୍ଥ୍ୟରେ ବିଶେଷ ଅବନତି ଘଟିଥିଲା । ବର୍ଷକ ତଳେ କଲିକତାରୁ ରଶ୍ମି-ଚିକିତ୍ସା କରାଇ ଫେରିଥିଲେ ହେଁ ତାର ଫଳାଫଳ ସର୍ବସ୍ଥାୟୀ ଜଣାଗଲା ନାହିଁ ।

୧୯୩୪ ଜାନୁୟାରୀ ୩୧ ତାରିଖ ରାତିରେ ତାଙ୍କ ଅବସ୍ଥା ଉଦ୍‌ବେଗଜନକ ମନେ ହେଲା । ସେ ଯୀଶୁଙ୍କ 'ଆହ୍ୱାନ ବାଣୀ ମୋ କାନରେ ବାଜୁଛି' ବୋଲି ଯୀଶୁଙ୍କ ଉଦ୍ଦେଶ୍ୟରେ ପ୍ରାର୍ଥନା କଲେ । ପରିବାରଜନଙ୍କ ମନରେ ଉତ୍କଣ୍ଠା ଓ ଉଦ୍‌ବେଗ ପ୍ରକାଶ ପାଇଲା । ସମସ୍ତେ ବ୍ୟସ୍ତ, ବିବ୍ରତ ହୋଇ ପଡ଼ିଲେ ।

ସୁଧାଂଶୁବାଳା ସେତେବେଳେ ତାଙ୍କୁ ଆତଙ୍କିତ ଚିତ୍ତରେ ପଚାରିଲେ—"ତୁମେ କଣ ସତରେ ଆମକୁ ଛାଡ଼ି ଚାଲିଯିବ ?"

Digitized by srujanika@gmail.com

—"ଏହା ସ୍ୱର୍ଗୀୟ ପିତାଙ୍କ (ଭଗବାନଙ୍କ) ନିର୍ଦ୍ଦେଶ ଉପରେ ନିର୍ଭର କରେ । ସେ ମୋତେ ଯାହା କରିବାକୁ ଆଦେଶ ଦେବେ, ତାହାହିଁ ହେବ । ଈଶ୍ୱରଙ୍କ ଇଚ୍ଛା ହିଁ କାର୍ଯ୍ୟକାରୀ ହେବ । ତାଙ୍କୁ କେହି ଅଟକାଇ ପାରିବେ ନାହିଁ ।"

ମଧୁବାବୁଙ୍କ ସ୍ୱର ନିଷ୍ପ୍ରଭ ଜଣାପଡ଼ୁଥିଲା । କିନ୍ତୁ, ତାଙ୍କ ବଦନମଣ୍ଡଳ ତେଜୋଦୀପ୍ତ ଦେଖାଯାଉଥିଲା—ନବାରୁଣୋଦ୍ଭାସୀ ପ୍ରଫୁଲ୍ଲ !

ଅବଶେଷରେ, ଜୀବନ ଓ ମୃତ୍ୟୁର ସେହି ସଂଘର୍ଷରେ ମୃତ୍ୟୁ ତାଙ୍କୁ ଜୟ କରିପାରିଲା ନାହିଁ ସିନା, ତାଙ୍କ ନର ଶରୀରଟାକୁ ନିସ୍ପନ୍ଦ କରି ମାଟିରେ ମିଶାଇଦେଲା ସେଇ ୧୯୩୪ ମସିହା ଫେବୃୟାରୀ ୪ଠାରିଖର ପ୍ରାରମ୍ଭ ମୁହୂର୍ତ୍ତି କଥା ତିନ ତାରିଖ ରାତି ଗୋଟାଏ କୋଡ଼ିଏ ମିନିଟ ବେଳେ । ତାଙ୍କର ଶେଷ ଉକ୍ତି ଥିଲା—

"ମୁଁ ତ ଯାଉଛି, ମନେ ରଖିଥିବ, ଜଣେ ଓଡ଼ିଆ ଥିଲା । ଏତିକ ମନେ ରଖିଥିବ ।"

Digitized by srujanika@gmail.com

ମଧୁ-ସ୍ମୃତି

ବଙ୍ଗଳାର ଘରେ ଘରେ ରବୀନ୍ଦ୍ରନାଥ ଯେମିତି 'ଆମାଦେର୍ ରବି ଠାକୁର' ରୂପେ ଆଦୃତ, ତାମିଲନାଡ଼ୁ ସାରା ଆନ୍ନାଦୁରାଇ ଯେପରି 'ଆନ୍ନା' ନାମରେ ସୁପରିଚିତ, ସେପରି ମଧୁସୂଦନ ଉତ୍କଳର କୋଣ ଅନୁକୋଣରେ 'ଆମ ମଧୁବାବୁ' ଓ 'ଓଲ୍ଡ୍ ମ୍ୟାନ୍' ନାମରେ ଚିର ଜୀବିତ ।

ସାର୍ ସୁରେନ୍ଦ୍ରନାଥ ବାନାର୍ଜୀଙ୍କ ଭାଷାରେ ସେ ଥିଲେ 'ଉତ୍କଳର ଗର୍ବ' ଏବଂ ସେ 'ଉତ୍କଳର ଗୌରବ ବଢ଼ାଇଥିଲେ' (He is the pride of Orissa and enhanced the glory of Orissa) । ତାଙ୍କର କୀର୍ତ୍ତି ଓ କୃତିତ୍ୱରେ ବିମୁଗ୍ଧ ହୋଇ ସରସ୍ୱତୀ ଫକୀରମୋହନ ଲେଖିଥିଲେ—

"ଧନ୍ୟ ଧନ୍ୟ ଧନ୍ୟ ମଧୁସୂଦନ
ଉତ୍କଳ ମାତାର ଯୋଗ୍ୟ ନନ୍ଦନ
ଦେଲ ଉତ୍କଳକୁ ନବଜୀବନ
ଶିଖାଇଲ ଲୋକେ ଜାତି ବନ୍ଧନ ।"

ମଧୁବାବୁଙ୍କ ମର ଶରୀରର ଅବସାନ ପରେ ସେହି ୧୯୩୪ ମସିହା ଫେବୃୟାରୀ ୭ ତାରିଖ ସଂଖ୍ୟା 'ସମାଜ'ରେ ଏକ ଦୀର୍ଘ ଅଗ୍ରଲେଖରେ ତାଙ୍କ ସଂପର୍କରେ କୁହାଯାଇଥିଲା—

"ହିମାଳୟର ଶୃଙ୍ଗ ପରି ମଧୁବାବୁ ଉତ୍କଳର ଶ୍ରେଷ୍ଠ ଶୃଙ୍ଗ ଥିଲେ । ସେ ଶୃଙ୍ଗ ଯେତେବେଳେ ଟଳି ପଡ଼ିଲା, ସେତେବେଳେ

Digitized by srujanika@gmail.com

ହଜାର ହଜାର ଲୋକଙ୍କ ପ୍ରାଣରେ ବ୍ୟଥା ଲାଗିଥିବ । ମଧୁବାବୁଙ୍କ ବୁଦ୍ଧି ବଳ ଅସାଧାରଣ ଥିଲା । ସ୍ମୃତିଶକ୍ତି ଅଲୌକିକ ଥିଲା । ତାଙ୍କ ମୃତ୍ୟୁରେ ଶହେ ବର୍ଷର ସମ୍ପଦ ଲିଭିଗଲା । ବୁଦ୍ଧି ଖେଳେଇ, ଅଭିଜ୍ଞତାର ପ୍ରେରଣା ନେଇ, ସେହି ବଳରେ ଲଢ଼ିବା ପୁଅ ସେ ଜଣେ ଥିଲେ ।"

ମଧୁବାବୁଙ୍କ କବରର ଶେଷ ଲେଖା ହେଉଛି—

I came to Jesus as I was
Weary and worn and sad
I found in Him a resting Place
And He has made me glad.

"ଯେଣୁ ଦୁଃଖ ଜଞ୍ଜାଳରେ ଅଥୟ ଅବସାଦ ଭରିଲି
ଏ ମର ସଂସାରେ ଯୀଶୁଙ୍କୁ ଏକା ଆଶା ମଣିଲି ।
ଦେଖିଲି ସେହିଁ ଅଟନ୍ତି ମୋର ଆଶ୍ରୟ ସ୍ଥଳୀ
ମୋ ପ୍ରାଣେ ଆନନ୍ଦ ସେ ଏକା ଦେଇଅଛନ୍ତି ଢାଳି ।"

ବାସ୍ତବିକ, ମଧୁବାବୁଙ୍କ ଶେଷ ଜୀବନଟା ଦୁଃଖ ଜଞ୍ଜାଳପୂର୍ଣ୍ଣ ଓ ଅବସାଦମୟ ହୋଇଉଠିଲା । ସେ ତାଙ୍କର ସେହି ଅନ୍ତିମ ଜୀବନକାଳର ବେଦନା ବାଣୀ ଲିପିବଦ୍ଧ କରି ଯାଇଛନ୍ତି ଏଇ ଭାଷାରେ—

"ମୁଁ କେବଳ ଲୁଡ଼ୁ ଲୁଡ଼ ଅସ୍ଥି ଦେଖିଥିଲି । ଚଉରଆଡ଼େ କେବଳ ଅସ୍ଥି, ଅସ୍ଥି, ଅସ୍ଥି । ଏହି ଅସ୍ଥି କଙ୍କାଳ ଭିତରେ ପ୍ରାଣ ସଞ୍ଚାର କରି ହସ୍ତପଦ ଓ ମାଂସପେଶୀ ଯୋଗାଇବା ନିମନ୍ତେ ମୋତେ ବହୁତ କାର୍ଯ୍ୟ କରିବାକୁ ପଡ଼ୁଛି । ମୋ ଜାତିକୁ ଯୁଦ୍ଧ ସରଞ୍ଜାମରେ

Digitized by srujanika@gmail.com

ସୃଷ୍ଟି କରିବାପାଇଁ ମୋତେ ଏକାକୀ କାର୍ଯ୍ୟ କରିବାକୁ ହୋଇଛି ।
ଏଥିରେ ମୋତେ ଭଗବାନଙ୍କ ବ୍ୟକ୍ତିତ ଆଉ କେହି ସାହାଯ୍ୟ
କରିନାହାନ୍ତି ।"

ଜାତି ପ୍ରତି ମଧୁବାବୁଙ୍କର ଗୋଟିଏ କ୍ଷୁଦ୍ର ଉପଦେଶ ଥିଲା—
"ଯଦି ଆମେ ନିୟମ କରି ପ୍ରତିଦିନ ଅନ୍ତତଃ ଦଶ ମିନିଟ୍ ଦେଶର
କଥା ଚିନ୍ତା କରିବା, ତା'ହେଲେ ଦେଶର ଦୁର୍ଦ୍ଦଶା ଅତି ଶୀଘ୍ର
ଲୋପ ପାଇଯିବ ! ଆମ୍ଭମାନଙ୍କର ଭାଗ୍ୟ ପରିବର୍ତ୍ତନ ହୋଇଯିବ ।"

ଆଜି ଆମେ ମଧୁବାବୁଙ୍କ ସ୍ମୃତିରକ୍ଷା ପାଇଁ ଆଉ କିଛି
ନ କଲେ ମଧ୍ୟ ତାଙ୍କର ଉପଦେଶ ମାନି କ'ଣ ଦେଶପାଇଁ ଅନ୍ତତଃ
ଦଶ ମିନିଟ୍ ଚିନ୍ତା କରିପାରିବା ନାହିଁ ?

ଏ ପ୍ରଶ୍ନର ଉତ୍ତର ଆମେ ସମସ୍ତେ ନିଜ ନିଜ ଅନ୍ତରକୁ ପଚାରି
ବୁଝିବା ଦରକାର ।

●